

ତୃତୀୟ ବର୍ଷ ● ପଞ୍ଚମ ସଂଖ୍ୟା
ଜୁଲାଇ-ଅଗଷ୍ଟ, ୨୦୧୮

ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)











ଢେଙ୍କାନାଳର ସରାଙ୍ଗ ସ୍ଥିତ ଇନ୍ଦିରା ଗାନ୍ଧି ବୈଷୟିକ ପ୍ରତିଷ୍ଠାନରେ
'ଯନ୍ତ୍ରୀ ରୂପେ ସାମାଜିକ ଦାୟିତ୍ୱବୋଧ'
ବିଷୟରେ ସ୍ୱାମୀ ସୁଧାନନ୍ଦ ସରସ୍ୱତୀଙ୍କ ବିଚାର ଉପସ୍ଥାପନା






ଶ୍ରୁତିନ୍ୟାସ ପକ୍ଷରୁ ଭୁବନେଶ୍ୱରରେ ଶ୍ରାବଣୀ ଉପାକର୍ମ





ଶ୍ରାବଣୀ ଉପାକର୍ମରେ ଉପସ୍ଥିତ ଭୁବନେଶ୍ୱର ଓ କଟକ ବେଦ ପ୍ରଚାର ସମିତିର ସଦସ୍ୟବୃନ୍ଦ



ବୀରମହାରାଜପୁରରେ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରଚାର



ରେଢ଼ାଖୋଲ ବେଦପ୍ରଚାର ସମିତି ପକ୍ଷରୁ ଶ୍ରାବଣୀ ଉପାକର୍ମ






ସାଗରପାଲିରେ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରଚାର ସମିତି ପକ୍ଷରୁ ବେଦ ପ୍ରଚାର






ସୁବର୍ଣ୍ଣପୁର ବେଦପ୍ରଚାର ସମିତି ପକ୍ଷରୁ ସୋନପୁରରେ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରଚାର

**ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି ।** (ଅଥର୍ବ.୧:୧:୪)

**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା

(ଦ୍ୱିମାସିକ)

ପ୍ରତିଷ୍ଠାତା

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ

**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ

**ବ୍ର. ପ୍ରିୟେଶ ଦର୍ଶନାଚାର୍ଯ୍ୟ**

ସହ ସମ୍ପାଦକ

**ଆନନ୍ଦ ସାମନ୍ତରାୟ**

**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ

**ଇ. କୁମାର ସ୍ୱାମୀ**

**ଦଣ୍ଡପାଣି ମିଶ୍ର**

**ନିମାଇଁ ଚରଣ ସ୍ୱାଇଁ**

**ଗୌରଚନ୍ଦ୍ର ଦାସ**

**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ

**ଶ୍ରୁତିନ୍ୟାସ**

**ଏଚ୍.ଆଇ.ଜି-୧୫୨, ଫେଜ୍-୭**

**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**

ଦୂ.ଭା. : ୯୩୩୭୧୦୩୭୮୨, ୯୮୬୧୩୫୮୯୭୭

E-mail : shrutisourabha@gmail.com

Website : www.shrutinyasa.org


**ସଦସ୍ୟତା ଶୁଳ୍କ**

ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-

ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-


**Shruti Sourabha**

Spiritual Social Vedic Magazine

Bimonthly

Vol-3, Issue-5, July-August 2018

**Webpage:**
**http://www.thearyasamaj.org/shrutisourabha**


## ସୂଚୀପତ୍ର


| | | |
|---|---|---|
| ୦୧. | ଅହଂକାର | ୦୨ |
| ୦୨. | ଯଜ୍ଞବିଧି | ୧୪ |
| ୦୪. | ସତ୍ୟାର୍ଥ ପ୍ରକାଶ | ୨୫ |


## ଏକାତ୍ମତା ସୂତ୍ର

| | |
|---|---|
| ଆମର ଏକ ଧର୍ମ | - ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - ବେଦ |
| ଆମର ଏକ ଉପାସ୍ୟ ଦେବ | - ଓ୩ମ୍ |
| ଆମର ଏକ ଅଭିବାଦନ | - ନମସ୍ତେ |
| ଆମର ଏକ ଜାତି | - ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ଅହଂକାର

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ. —** 'ଅହଂକାର' ମାନେ କ'ଣ? ଏହା କେବଳ ମନର ଏକ ଭାବନା, ଏକ ଗୁଣ ନା ଆଉ କିଛି?

**ସ୍ୱାମୀଜୀ —** 'ଅହଂକାର' ଏକ ଗୁଣ, ଭାବନା ବା ଜ୍ଞାନ ମଧ୍ୟ ଏବଂ ଅହଂକାର ଏକ ଦ୍ରବ୍ୟ ମଧ୍ୟ। ଭାବନା ବା ଗୁଣ ଦୃଷ୍ଟିରୁ 'ଅହଂକାର' କହିଲେ କ'ଣ ବୁଝାଯାଏ ତା' ବିଷୟରେ ଆମେ ସମସ୍ତେ ଅଳ୍ପେ-ବହୁତେ ଜାଣିଛେ। ତେବେ ଦ୍ରବ୍ୟ ଦୃଷ୍ଟିରୁ 'ଅହଂକାର' ମାନେ କ'ଣ ସେକଥା ପ୍ରାୟ ସାଧାରଣ ଲୋକେ ଜାଣନ୍ତି ନାହିଁ। ଦ୍ରବ୍ୟ ଦୃଷ୍ଟିରୁ ଅହଂକାର ମାନେ କ'ଣ? - ଆମେ ତାହା ପ୍ରଥମେ ଆଲୋଚନା କରିବା। ତା' ପରେ ଗୁଣ, ଭାବନା ବା ଜ୍ଞାନ ଦୃଷ୍ଟିରୁ ଅହଂକାର କ'ଣ? - ସେ ବିଷୟରେ ବିଚାର କରିବା।

ଦ୍ରବ୍ୟ ଦୃଷ୍ଟିରୁ 'ଅହଂକାର' କ'ଣ? ଈଶ୍ୱର ଏ ସୃଷ୍ଟିକୁ ତିଆରି କରିଛନ୍ତି। ମନୁଷ୍ୟ କହିଲେ ଏକ ଜୀବାତ୍ମା ଓ ଏଇ ମନୁଷ୍ୟାକୃତି ଶରୀରର ସଂଯୁକ୍ତ ସତ୍ତା। ଏହି ଶରୀର ପ୍ରକୃତିରୁ ତିଆରି ହୋଇଛି। ଏ ଶରୀରରେ ମୁଖ୍ୟତଃ କ'ଣ କ'ଣ ଅଛି? ଏହାକୁ ବୁଝିବାକୁ ହେଲେ ଆମକୁ ପ୍ରକୃତିରୁ ଏ ଶରୀର ତିଆରି ପର୍ଯ୍ୟନ୍ତ କ୍ରମ ଓ ପ୍ରକ୍ରିୟା ବୁଝିବାକୁ ହେବ। ଏ ବିଷୟରେ ଦର୍ଶନ ଶାସ୍ତ୍ରରେ କୁହାଯାଇଛି —

**ସତ୍ତ୍ୱରଜସ୍ତମସାଂ ସାମ୍ୟାବସ୍ଥା ପ୍ରକୃତିଃ ପ୍ରକୃତେର୍ମହାନ୍ ମହତୋଽହଙ୍କାରୋଽହଙ୍କାରାତ୍ ପଞ୍ଚ ତନ୍ମାତ୍ରାଣ୍ୟୁଭୟମିନ୍ଦ୍ରିୟଂ ତନ୍ମାତ୍ରେଭ୍ୟଃ ସ୍ଥୂଳଭୂତାନି ପୁରୁଷ ଇତି ପଞ୍ଚବିଂଶତିର୍ଗଣଃ।** (ସାଂଖ୍ୟ. ୧:୬୧)

ସତ୍ତ୍ୱ, ରଜଃ ଓ ତମଃ - ଏ ତିନି ପ୍ରକାରର ମୂଳ ତତ୍ତ୍ୱର ସଂଯୁକ୍ତ ସାମ୍ୟ ଅବସ୍ଥାର ନାମ 'ପ୍ରକୃତି'। ଅର୍ଥାତ୍ ଏ ତତ୍ତ୍ୱଗୁଡ଼ିକ କାର୍ଯ୍ୟରୂପରେ ପରିଣତ ନ ହୋଇ ମୂଳକାରଣ ରୂପରେ ଅବସ୍ଥିତ ଥିବା ସମୟରେ ଏ ତିନୋଟିର ମିଶ୍ରିତ ସାମ୍ୟ ଅବସ୍ଥାକୁ 'ପ୍ରକୃତି' କୁହାଯାଏ। ଜଗତରେ ଯେତେ ଉତ୍ପନ୍ନ ପଦାର୍ଥ ବିଦ୍ୟମାନ ସେସବୁର ମୂଳକାରଣ ହେଲା ଏହି 'ପ୍ରକୃତି'। ଏଥିରୁ ସର୍ବପ୍ରଥମେ ଯେଉଁ ତତ୍ତ୍ୱ ତିଆରି ହୁଏ ତାହା ହେଲା 'ମହତତ୍ତ୍ୱ'। ଏହାକୁ ବୁଦ୍ଧି ମଧ୍ୟ କହନ୍ତି। 'ମହତତ୍ତ୍ୱ' ପରେ ଯେଉଁ ତତ୍ତ୍ୱ ତିଆରି ହୁଏ ତାହା ହେଲା 'ଅହଂକାର'। 'ଅହଂକାର' ତତ୍ତ୍ୱରୁ ପଞ୍ଚତନ୍ମାତ୍ର, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ ଓ ମନ ତିଆରି ହୁଏ। ପଞ୍ଚତନ୍ମାତ୍ର ହେଲା — ଗନ୍ଧ, ରସ, ରୂପ, ସ୍ପର୍ଶ ଓ ଶବ୍ଦ ତନ୍ମାତ୍ର। ତନ୍ମାତ୍ରକୁ ସୂକ୍ଷ୍ମଭୂତ ବୋଲି ମଧ୍ୟ କହନ୍ତି। ପଞ୍ଚ ଜ୍ଞାନେନ୍ଦ୍ରିୟ ହେଲା — ଘ୍ରାଣ, ରସନା, ଚକ୍ଷୁ, ତ୍ୱଚା ଓ ଶ୍ରୋତ୍ର। ପଞ୍ଚ କର୍ମେନ୍ଦ୍ରିୟ ହେଲା — ବାକ୍, ପାଣି, ପାଦ, ପାୟୁ ଓ ଉପସ୍ଥ। ତନ୍ମାତ୍ର ଅର୍ଥାତ୍ ସୂକ୍ଷ୍ମଭୂତରୁ ପୁଣି ପଞ୍ଚ ସ୍ଥୂଳଭୂତ; ଯଥା — ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ଉତ୍ପନ୍ନ ହୁଏ। ଏଇଠି ପୃଥିବୀର ଅର୍ଥ ପୃଥିବୀ ନାମକ ଗ୍ରହ ନୁହେଁ, ବରଂ ପୃଥିବୀ ତତ୍ତ୍ୱ ଅଟେ। ସେହିପରି ଜଳର ଅର୍ଥ $H_2O$ ରୂପକ ଜଳବିନ୍ଦୁ ନୁହେଁ, ବରଂ ଜଳ ତତ୍ତ୍ୱ ଅଟେ।

ଉପରୋକ୍ତ ମଧ୍ୟରୁ ମୂଳପ୍ରକୃତି କେବଳ ଉପାଦାନ ଅଟେ ଏବଂ ମହତତ୍ତ୍ୱ ଆଦି ପରବର୍ତ୍ତୀ ୨୩ ପଦାର୍ଥ ପ୍ରକୃତିର ବିକାର। ଏ ୨୪ଟି ଯାକ ତତ୍ତ୍ୱ ଅଚେତନ, ଜଡ଼ ଅଟନ୍ତି। ଏହା ବ୍ୟତୀତ ଜଗତରେ ଏକ ଚେତନ ତତ୍ତ୍ୱ ମଧ୍ୟ ବିଦ୍ୟମାନ। ଏହାକୁ ପୁରୁଷ କହନ୍ତି। ଏଭଳି ଭାବରେ ତତ୍ତ୍ୱଗୁଡ଼ିକର ସଂଖ୍ୟା ମୋଟ ରୂପେ ହେଲା ୨୫। ଚେତନ ତତ୍ତ୍ୱ ପୁନଶ୍ଚ ୨ଟି ବର୍ଗରେ ବିଭକ୍ତ — ଗୋଟିଏ ହେଲା ପରମାତ୍ମା ଓ ଅନ୍ୟଟି ହେଲା ଜୀବାତ୍ମା। ପରମାତ୍ମା ଏକ; କିନ୍ତୁ ଜୀବାତ୍ମା ସଂଖ୍ୟାରେ ଅନନ୍ତ।

ପଞ୍ଚ ସ୍ଥୂଳଭୂତ ଉତ୍ପନ୍ନ ହୋଇସାରିବା ପରେ ସେଥିରୁ ସୂର୍ଯ୍ୟ-ତାରା, ଗ୍ରହ-ଉପଗ୍ରହ, ପାହାଡ଼-ପର୍ବତ, ନଦୀ-ନାଳ ଏବଂ ପଶୁ-ପକ୍ଷୀ-କୀଟ-ପତଙ୍ଗ ଆଦି ଜୀବଙ୍କ ଶରୀର

ନିର୍ମାଣ ହୁଏ । ଆମେ ଜୀବମାନଙ୍କର ଯେଉଁ ଶରୀର ଦେଖୁଛୁ ତାକୁ ସ୍ଥୂଳଶରୀର କୁହାଯାଏ । ସେ ସ୍ଥୂଳ ଶରୀର ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ - ଏ ପଞ୍ଚ ମହାଭୂତରୁ ତିଆରି । ତା' ଭିତରେ ଏକ ସୂକ୍ଷ୍ମଶରୀର ଥାଏ । ସେ ସୂକ୍ଷ୍ମଶରୀର **'ସପ୍ତଦଶୈକ ଲିଙ୍ଗମ୍'** (ସାଂଖ୍ୟ. ୩:୯) — ୧୭+୧=୧୮ଟି ତତ୍ତ୍ୱର ସମ୍ମିଶ୍ରଣରେ ଗଠିତ । ଏହାକୁ ଲିଙ୍ଗଶରୀର ବୋଲି ମଧ୍ୟ କୁହାଯାଏ । ସୂକ୍ଷ୍ମଶରୀରର ୧୮ଟି ତତ୍ତ୍ୱ ହେଲା — ୫ ତନ୍ମାତ୍ର, ୫ ଜ୍ଞାନେନ୍ଦ୍ରିୟ, ୫ କର୍ମେନ୍ଦ୍ରିୟ ଏବଂ ମନ, ଅହଂକାର ଓ ବୁଦ୍ଧି ।

ଅତଏବ 'ଅହଂକାର' ହେଉଛି ସୂକ୍ଷ୍ମଶରୀରର ୧୮ଟି ତତ୍ତ୍ୱ ମଧ୍ୟରୁ ଏକ ତତ୍ତ୍ୱ । ଅହଂକାରର କାର୍ଯ୍ୟ କ'ଣ ?

**ଅଭିମାନୋଽହଂକାରଃ ।** (ସାଂଖ୍ୟ. ୨:୧୬)

ଅଭିମାନ ଯାହାର ବୃତ୍ତି ବା କାର୍ଯ୍ୟ ଅର୍ଥାତ୍ 'ଅହଂ ଅସ୍ମି' = 'ମୁଁ ଅଛି' ଆଦି ଭାବନା ଯାହା ଦ୍ୱାରା ହୁଏ, ସେ ତତ୍ତ୍ୱକୁ ଅହଂକାର କୁହାଯାଏ । 'ଅହଂ' ବା 'ମୁଁ' ଭାବନାର ନାମ ଅଭିମାନ । 'ମୁଁ'ର ଭାବନାର ଯାହା ସାଧନ, 'ମୁଁ'ର ବୋଧ ବା ସ୍ୱ ସତ୍ତାର ବୋଧ ଯାହା ଦ୍ୱାରା ହୁଏ ତାକୁ ଅହଂକାର କୁହାଯାଏ । ମୁଁ ଅଛି । ସିଏ ଅଛି । ମୁଁ ସିଏ ନୁହେଁ । ସିଏ ମୁଁ ନୁହେଁ । ମୁଁ ତା' ଠୁ ଅଲଗା ସତ୍ତା । ସିଏ ମୋଠୁ ଅଲଗା ସତ୍ତା । ମୁଁ ତା'ଠୁ ବଡ଼, ସାନ ଆଦି ଭାବନା, ବୋଧ ଯାହାଦ୍ୱାରା ହୁଏ ସେ ତତ୍ତ୍ୱକୁ ଅହଂକାର କୁହାଯାଏ ।

**ପ୍ର.କ. —** ଆପଣ କହିଲେ ଯେ ଅହଂକାର ହେଉଛି ସୂକ୍ଷ୍ମଶରୀରର ଏକ ଅଙ୍ଗ । ଏହା ଦ୍ୱାରା ଜୀବାତ୍ମାକୁ ସ୍ୱ ଅସ୍ତିତ୍ୱର ବୋଧ ହୋଇଥାଏ । ତା' ଅର୍ଥ ଆମ ପାଇଁ ଅହଂକାର ଏକ ଆବଶ୍ୟକ ତତ୍ତ୍ୱ ?

**ସ୍ୱାମୀଜୀ —** ହଁ, ଆବଶ୍ୟକ ତତ୍ତ୍ୱ । 'ଅହଂକାର'ର ଆବଶ୍ୟକତା, ଉପଯୋଗିତା ବିଷୟରେ ସାଂଖ୍ୟଦର୍ଶନରେ କୁହାଯାଇଛି —

**ଅହଂକାରଃ କର୍ତ୍ତା ନ ପୁରୁଷଃ ।** (ସାଂଖ୍ୟ. ୬:୫୪)

ଅହଂକାର କର୍ତ୍ତୃତ୍ୱ ଆଦି ଭାବନାର ପ୍ରଯୋଜକ ଅଟେ, କେବଳ ଜୀବାତ୍ମା ନୁହେଁ । ଅହଂକାରର ଅସ୍ତିତ୍ୱ କାରଣରୁ ହିଁ ଜୀବାତ୍ମା ଭିତରେ କର୍ତ୍ତା-ଭୋକ୍ତା, ସୁଖୀ-ଦୁଃଖୀ ଆଦିର ଭାବନା ଉଦ୍ରେକ ହୋଇଥାଏ । ବିନା ଅହଂକାରର ଅସ୍ତିତ୍ୱରେ ଏହା ହୋଇପାରେ ନାହିଁ । ଅହଂକାର ଯୋଗୁଁ ବଦ୍ଧାବସ୍ଥାରେ ଜୀବାତ୍ମା ମୁଁ ଏହା କହୁଛି, ମୁଁ ଦେଖୁଛି, ମୁଁ ଶୁଣୁଛି, ମୁଁ ଯାଉଛି ଆଦି ଭାବନା କରିପାରିଥାଏ । ବିନା ଅହଙ୍କାରର ଅସ୍ତିତ୍ୱରେ ଏହା ଜୀବାତ୍ମା ଭିତରେ ହୋଇନଥାଏ । ଅହଂକାରର ସହଯୋଗରେ ହିଁ ଜୀବାତ୍ମା ସମସ୍ତ ସାଂସାରିକ କାର୍ଯ୍ୟ କରିବାକୁ ସମର୍ଥ ହୋଇଥାଏ । ଏହାର ଅଭାବରେ ବଦ୍ଧ ଜୀବାତ୍ମା ମାଟିର ଢେଲାଟିଏ ଭଳି ନିଶ୍ଚେଷ୍ଟ ରହିଥାଏ, କୌଣସି ବାହ୍ୟ କର୍ମ ସମ୍ପାଦନ କରିପାରେ ନାହିଁ । ଅହଂକାର ନ ରହିଲେ ଦାୟିତ୍ୱବୋଧ ରହିବନି । ଅହଂକାର ଦ୍ୱାରା ହିଁ ଜୀବାତ୍ମା କୌଣସି କାର୍ଯ୍ୟର ଠିକ୍-ଭୁଲ୍ ପାଇଁ ଦାୟୀ ହୋଇଥାଏ । ତା'ର ପରିଣାମ ସ୍ୱରୂପ ପ୍ରଶଂସା-ନିନ୍ଦାର ପାତ୍ର ହୋଇଥାଏ । ଯଦି 'ମୁଁ କରିଛି'ର ଭାବନା ନାହିଁ, ତେବେ ଦାନ କର୍ମର ପ୍ରଶଂସା-ପୁରସ୍କାର କି ଚୋରି କର୍ମ ପାଇଁ ଦଣ୍ଡ, ଲାଞ୍ଛନା ପାଇବାକୁ ମୁଁ ହକ୍‌ଦାର କେମିତି ହୋଇପାରିବି ? 'ମୁଁ କାହାକୁ ଗାଳି ଦେଇଛି' ଏହି ଭାବନା ରହିଲେ ହିଁ, ଏହି ଭାବନାର ବୋଧ ହେଲେ ହିଁ ତ ମୁଁ ସେଥିପାଇଁ ତାକୁ କ୍ଷମା ମାଗିବାର ସମ୍ଭାବନା ରହିବ । ତେଣୁ ବ୍ୟକ୍ତିଗତ ଦାୟିତ୍ୱବୋଧ (Individual Responsibility) ପାଇଁ ଏହି ଅହଂକାର ତତ୍ତ୍ୱ ଏକାନ୍ତ ଅପରିହାର୍ଯ୍ୟ ।

ବର୍ତ୍ତମାନ ଆମେ ଗୁଣ, ଜ୍ଞାନ ବା ଭାବନା ଦୃଷ୍ଟିରୁ ଅହଂକାର ବିଷୟରେ ବିଚାର କରିବା । ଏହି ଅହଂକାର ବିଷୟରେ ଆମେ ସମସ୍ତେ କିଛି-କିଛି ଅବଗତ । ଏହା ଏକ ଅବଗୁଣ ବୋଲି ଆମେ ଜାଣିଛେ । ଗର୍ବ, ଦର୍ପ, ମଦ, ଅଭିମାନ, ଆସ୍ଫାଳନ ଆଦି ଅହଂକାରର ପର୍ଯ୍ୟାୟବାଚୀ ତଥା କ୍ରୋଧ, ଦ୍ୱେଷ, କ୍ରୂରତା, ବର୍ବରତା, ଆକ୍ରୋଶ, ଜଳନ, ସଂହାର, ଜିଘାଂସା ଆଦି ଦୋଷ ଏହାର ସମଗୋତ୍ରୀୟ ବଂଶଜ । ଏହା ଅଜ୍ଞାନତାର ଏକ ଲେଲିହାନ ଶିଖା ଯାହାକି ବ୍ୟକ୍ତି-ପରିବାର-କୁଳ-ବଂଶ-ଦେଶର ସୁଖ-ସମୃଦ୍ଧିକୁ ଜାଳି-ପୋଡ଼ି ଭସ୍ମ କରିଦେଇଥାଏ । ଇତିହାସ ଏହାର ସାକ୍ଷୀ । ଏହି ଅହଂକାର ଯୋଗୁଁ ଅନ୍ୟାୟ, ଅତ୍ୟାଚାର, ଉତ୍ପୀଡ଼ନ ତଥା ଧ୍ୱଂସର ତାଣ୍ଡବ ଲୀଳା ଦେଖିବାକୁ ମିଳେ । ଅହଂକାରର ଧାସରେ କରୁଣା, ପ୍ରେମ, ସୌହାର୍ଦ୍ଦ୍ୟ, ଦୟା, ଦାନ, ଉଦାରତା, ସହାନୁଭୂତି ଆଦି ସ୍ୱର୍ଗୀୟ ଗୁଣଗୁଡ଼ିକ

ଜଳିଯାଆନ୍ତି । ତେଣୁ ଏହାର କାରଣ, ସ୍ୱରୂପ ଓ ନିରାକରଣର ଉପାୟ ବିଷୟରେ ଆମେ ଯେତେ ଭଲ ଭାବେ ଜାଣିବା ଆମେ ତା' ପାଇଁ ଯଥାଯଥ ଉପାୟ ଅବଲମ୍ବନ କରି ସୁଖୀ ହୋଇପାରିବା ।

**ପ୍ର.କ. —** ଆମେ ଦେଖୁ ଯେ ଘରେ, ପରିବାରରେ ଏହି ଅହଂକାର କାରଣରୁ ଛୋଟ-ଛୋଟ କଥାକୁ ନେଇ କଥା କଟାକଟି, ମନାନ୍ତର, ମନୋମାଳିନ୍ୟ ହୋଇ ଅଶାନ୍ତି ସୃଷ୍ଟି ହୁଏ । ପ୍ରତ୍ୟେକେ ନିଜ କଥାକୁ ଠିକ୍, ଅନ୍ୟର କଥାକୁ ଭୁଲ୍; ନିଜକୁ ଜ୍ଞାନୀ, ଅନ୍ୟକୁ ଅଜ୍ଞାନ ବୋଲି ଭାବିନେଇଥାନ୍ତି । କେହି ନଇଁବାକୁ ପ୍ରସ୍ତୁତ ହୁଅନ୍ତିନି । ସାଧାରଣତଃ ଦେଖିବାକୁ ମିଳେ କି ବଡ଼ମାନଙ୍କ ବିଚାର ଥାଏ ଯେ ଯେହେତୁ ସେମାନଙ୍କ ବୟସ, ଅନୁଭୂତି, ଅଭିଜ୍ଞତା ଅଧିକ, ତେଣୁ ସେମାନଙ୍କ ସବୁ କଥା ଠିକ୍ । ସାନମାନେ ତାଙ୍କର ସବୁ କଥାରେ ହଁ ଭରନ୍ତୁ, ସେ ସବୁକୁ ନିର୍ବିଚାରରେ ମାନିନିଅନ୍ତୁ । ଏଣେ ସାନମାନଙ୍କ ବିଚାର ଥାଏ ଯେ ବଡ଼ମାନଙ୍କର ଆଜିକାଲିର ସମୟ-ଦୁନିଆ ବିଷୟରେ କୌଣସି ଜ୍ଞାନ-ବିଜ୍ଞାନ ନାହିଁ, ସେମାନେ ପୁରୁଣାକାଳିଆ ବିଚାର-ମାନସିକତା ସମ୍ପନ୍ନ ଲୋକ । ତେଣୁ ବଡ଼ମାନଙ୍କ କଥା ମାନିବା ଯୋଗ୍ୟ ନୁହେଁ । ଆମେ ବହୁ କଥା ପଢୁଛୁ-ଜାଣୁଛୁ । ଆମର ଅପ୍-ଟୁ-ଡେଟ୍ ଜ୍ଞାନ । ଏଣେ ବଡ଼ମାନେ ନିଜ କଥା ଯେନକେନ ଥୋପିବାକୁ, ମନେଇବାକୁ ଜୋର୍ ଲଗାନ୍ତି; ତେଣେ ସାନମାନେ ଏମାନଙ୍କ କୌଣସି କଥା ନ ମାନିବା ପାଇଁ ଦୃଢ଼ପ୍ରତିଜ୍ଞ । ପରିମାଣ ହୁଏ ସଂଘର୍ଷ, ଅଶାନ୍ତି ଆଦି । ଏଇ ଯେଉଁ (Ego-Clash) ଅହଂକାରର ସଂଘର୍ଷ, ଏହାର କାରଣ କ'ଣ ? ଏଥିରୁ ରକ୍ଷାର ଉପାୟ କ'ଣ ?

**ସ୍ୱାମୀଜୀ —** ଏହାର ମୂଳକାରଣ ହେଲା ଅଜ୍ଞାନ । ଆମେ ସର୍ବଦା ମନେରଖିବା ଉଚିତ ଯେ ଜୀବାତ୍ମା ଅଳ୍ପଜ୍ଞ । ଏଣୁ ଆମେ ବହୁତ କଥା ଜାଣିଲେ ସୁଦ୍ଧା କେବେ ବି ସର୍ବଜ୍ଞ ହୋଇପାରିବା ନାହିଁ । ଜ୍ଞାନ ଅନନ୍ତ । ମଣିଷର ମସ୍ତିଷ୍କର କ୍ଷମତା ସୀମିତ । ଗୋଟିଏ ମାଠିଆ ଭିତରେ କେବେ ବି ସମୁଦ୍ର ରହିପାରିବ ନାହିଁ । ଆକାଶକୁ କେବେ ବି ହାତମୁଠା ଭିତରେ ବାନ୍ଧିପାରିବା ସମ୍ଭବପର ନୁହେଁ । ସଂସାରର ସବୁ ବିଷୟ ସମ୍ବନ୍ଧରେ କୌଣସି ଜଣେ ବ୍ୟକ୍ତିର ଜ୍ଞାନ ରହିବା ସମ୍ଭବ ନୁହେଁ । ଏମିତିକି କୌଣସି ଏକ ନିର୍ଦ୍ଦିଷ୍ଟ ପଦାର୍ଥ, କାର୍ଯ୍ୟ ବିଷୟରେ ବି ସମସ୍ତ ଜ୍ଞାନ ଜଣେ ବ୍ୟକ୍ତି ପାଖରେ ଥିବା ଦେଖାଯାଇନଥାଏ । ସେଥିପାଇଁ ଜଣେ ବ୍ୟକ୍ତି ସବୁ କଥାରେ ଉଚିତ ପରାମର୍ଶ, ନିର୍ଣ୍ଣୟ ଦେଇପାରିବା ଆଦୌ ସମ୍ଭବ ନୁହେଁ ।

ଏ କଥା ସତ୍ୟ ଯେ ବୟସ ବଢ଼ିବା ସହ ଅନୁଭୂତି ବଢ଼ିଥାଏ; ଯେଉଁ ବ୍ୟକ୍ତି ଯେତେ ଅଧିକ କାର୍ଯ୍ୟ କରେ, ଯେତେ ଅଧିକ ସମସ୍ୟାର ସମ୍ମୁଖୀନ ହୋଇ ସେସବୁର ସମାଧାନ କରିଥାଏ ତା'ର ସେତେ ଅଭିଜ୍ଞତା ହୋଇଥାଏ । କିନ୍ତୁ କାହା ପାଖରେ ବି ସବୁ ଅନୁଭୂତି ତ ନଥାଏ । ଅନେକ ସମୟରେ ଏଭଳି ବି ହୋଇପାରେ ଯେ ପରିବାରର ବଡ଼ ଲୋକମାନେ ବି ତରବରରେ, ଅସାବଧାନତାବଶତଃ କିଛି ନିଷ୍ପତ୍ତି-ନିର୍ଣ୍ଣୟ ନେବା ବେଳେ ସେ ସମ୍ବନ୍ଧୀୟ ସବୁ ଦିଗ ପ୍ରତି ସମୁଚିତ ଧ୍ୟାନ ଦେଇପାରିନଥାନ୍ତି । ସେ ସମୟରେ ପରିବାରର ତାଙ୍କଠୁ କମ୍ ବୟସର ଅନ୍ୟ କୌଣସି ସଦସ୍ୟ ଯଦି ସେ ଦିଗ ପ୍ରତି ସଚେତନ କରାନ୍ତି ସେତେବେଳେ ତାହାକୁ ସେମାନଙ୍କ ନିର୍ଣ୍ଣୟର ବିରୋଧ, ଗୁରୁଜନଙ୍କ ନିର୍ଣ୍ଣୟର ଅବମାନନା କି ସେହି ସାନମାନଙ୍କୁ ନିଜର ବିରୋଧୀ ବୋଲି ବିଚାର କରିବା ଅନୁଚିତ; ବରଂ ସୂଚିତ ତର୍କ ଆଧାରରେ ସ୍ୱ-ନିଷ୍ପତ୍ତିର ପୁନର୍ବିଚାର କରିବା ଉଚିତ । ସେହିଭଳି ସାନମାନେ ମଧ୍ୟ ଗୁରୁଜନମାନଙ୍କ ଦ୍ୱାରା ସେମାନଙ୍କ ନିର୍ଣ୍ଣୟର ବିରୋଧକୁ ତ୍ୟାଜ୍ୟ ମନେକରିବା ଅଜ୍ଞାନତା ଏବଂ ଗୁରୁଜନଙ୍କ ପ୍ରଦତ୍ତ ତର୍କ ଆଧାରରେ ନିଜ ନିର୍ଣ୍ଣୟର ପୁନର୍ବିଚାର କରିବା ବୁଦ୍ଧିମତ୍ତା ।

**ପ୍ର.କ. —** କିନ୍ତୁ ଆପଣ ଯେଉଁ ସମାଧାନ ଦେଲେ ତାହା ସେ ସମୟରେ ପ୍ରାୟ ମନକୁ ଆସେ ନାହିଁ ।

**ସ୍ୱାମୀଜୀ —** କାହିଁକି ଆସେ ନାହିଁ ? 'ମୁଁ ସବୁ ଜାଣିଛି, ମୁଁ ସର୍ବଦା ନିର୍ଭୁଲ' - ଏହି ଅହଂକାର ଯୋଗୁଁ ହିଁ ତ ଆସେ ନାହିଁ ।

ବିଦ୍ୟା, ରୂପ, ଯୌବନ, ପଦ-ପଦବୀ, ଜମି-ବାଡ଼ି, ଧନ-ସମ୍ପଦ ଆଦି ବହୁତ ବିଷୟକୁ ନେଇ ମଣିଷ ଭିତରେ ଅହଂକାର ଆସେ ।

ବେଦରେ ମଣିଷକୁ ଉପଦେଶ ଦେଇ କୁହାଯାଇଛି କି ମଣିଷ କାମନା କରୁ ଯେ **— 'ଆ ନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ'** (ଯଜୁଃ. ୨୫:୧୪) **—** ହେ ପରମେଶ୍ୱର ! ଆମକୁ ସବୁ ଦିଗରୁ କଲ୍ୟାଣକାରୀ ବିଚାର, ଜ୍ଞାନ ପ୍ରାପ୍ତ ହେଉ । ଆମେ କବାଟ-ଝରକା ଖୋଲା ରଖିଲେ ଯେପରି ଘର ଭିତରକୁ ଚତୁର୍ଦିଗରୁ ବାୟୁ ପ୍ରବେଶ କରେ, ସେହିପରି ମସ୍ତିଷ୍କର ଦ୍ୱାର ଖୋଲା ରଖିଲେ ହିଁ ସବୁଆଡୁ ସୁନ୍ଦର-ସୁନ୍ଦର ବିଚାର ଆମ ଭିତରକୁ ଆସିବ । କିନ୍ତୁ ବିଦ୍ୟା, ଜ୍ଞାନକୁ ନେଇ ବ୍ୟକ୍ତି ଯେତେବେଳେ ଅଭିମାନ କରେ ସେତେବେଳେ ସେ ଆଉ କିଛି ଶିଖିପାରେ ନାହିଁ, ତା'ର ଗ୍ରହଣ କରିବାର ମାନସିକତା ରହେ ନାହିଁ । ତା'ର ମସ୍ତିଷ୍କର କବାଟ-ଝରକା ସବୁ ବନ୍ଦ ହୋଇଯାଏ । ସେ କୂପମଣ୍ଡୁକ ସ୍ଥିତିରେ ରହିଯାଏ ।

ବାହାରେ ବର୍ଷା ବହୁତ ହେଉଛି । ସେ ବର୍ଷାରେ ଯଦି ଆମେ ମାଠିଆ, ବାଲ୍‌ଟିକୁ ଉପରମୁହାଁ ରଖିବା, ତେବେ ତ ତା' ଭିତରେ ପାଣି ପଶିବ, ପାତ୍ର ଭରି ବି ଯିବ । ଆଉ ଯଦି ପାତ୍ରକୁ ଓଲଟାଇ, ତଳମୁହାଁ କରି ରଖିବା, ତେବେ ଯେତେ ବର୍ଷା ହେଲେ ବି ସବୁ ପାଣି ପାତ୍ର ଉପର ଦେଇ ବୋହିଯିବ, ପାତ୍ର ଭିତରକୁ ଟୋପେ ବି ଯିବ ନାହିଁ । ସେଇମିତି ମନରେ ଅହଂକାର ଜାଗିଲେ ବ୍ୟକ୍ତିର ମନ ରୂପୀ ପାତ୍ର ଓଲଟିଯାଏ । ତା' ଭିତରକୁ ଆଉ କୌଣସି ଜ୍ଞାନ ଆସିପାରେ ନାହିଁ ।

କଥାରେ ଅଛି 'ଅଳ୍ପ ବିଦ୍ୟା ଭୟଙ୍କରୀ', 'ଫମ୍ପା ମାଠିଆର ଶବଦ ବେଶୀ' । ଟିକିଏ-ଟିକିଏ ଜ୍ଞାନ ପାଇଗଲେ ମଣିଷ ଭିତରେ ଅହଂକାର ବଢ଼ିଯାଏ । ସେ ଗର୍ବରେ ଫାଟିପଡ଼େ । ନିଜକୁ ସର୍ବଜ୍ଞ ମନେକରେ । ଗର୍ବ-ଅହଂକାର ଗ୍ରସ୍ତ ବ୍ୟକ୍ତିର ସ୍ଥିତି କ'ଣ ହୋଇଥାଏ ତାହା ସ୍ୱଭାବକବି ଗଙ୍ଗାଧର ମେହେର ବଡ଼ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି—

ଗର୍ବ ବୋଲେ, ମୁହିଁ ଏକା ଶ୍ରେଷ୍ଠତମ ଭବେ,
କ୍ଷୁଦ୍ର ହୋଇଥାଏ ବଡ଼ ମୋ କୃପାବିଭବେ ।
ଅତି କ୍ଷୁଦ୍ର ହୃଦେ ଯେବେ କରେଁ ଅଧିଷ୍ଠାନ,
ଦେଖଇ ସେ ଜଗତକୁ ନିଜଠାରୁ ସାନ ।
ଘୁଷୁରି ଉପରେ ବସି ମୋହର ଭକତ,
ଗଜାରୋହୀଠାରୁ ମଣେ ନିଜକୁ ଉନ୍ନତ ।
..................................
ମୁଁ କରାଇପାରେ ଯା'କୁ ବର୍ଣ୍ଣ ପରିଚୟ,
ନିଜକୁ ସେ ସୁପଣ୍ଡିତ ମଣିବ ନିଶ୍ଚୟ ।
ପଢ଼ାଇ ପାରିବି ଯା'କୁ କାବ୍ୟ ଖଣ୍ଡେ-ଅଧେ,
ବସିବାକୁ ବାଞ୍ଛଇ ସେ ବୃହସ୍ପତି ପଦେ ।
ଲେଖାଇ ପାରିଲେ ପଦ ଯୋଡ଼ି ମିତ୍ରାକ୍ଷର,
ମଣାଇବି ଶୁକ୍ରଠାରୁ କବି ଶ୍ରେଷ୍ଠତର ।
..............................
ମୁକୁଟ ପରାଏ ମୁହିଁ ମଣ୍ଡେ ଯା'ର ମଥା,
ସାନ ତୁଣ୍ଡେ କହିଥାଏ ବଡ଼ ବଡ଼ କଥା ।
ନ ଶୁଣେ ଅନ୍ୟର କଥା ମୂଲ୍ୟହୀନ ଜାଣି,
ଯାହା ଜାଣେ ହୋଇଥାଏ ତହୁଁ ବଡ଼ ଜ୍ଞାନୀ ।
(ଗର୍ବ)

ଯଦି ନିଜ ବିଦ୍ୟାକୁ ନେଇ କାହା ମନରେ ଅହଂକାର ଜାଗ୍ରତ ହେଉଛି ତେବେ ତାହାଠାରୁ ବଳି ମୂର୍ଖତା ଆଉ କିଛି ନାହିଁ । ଯଦି ଜଣେ ଆଜି ବିଦ୍ୱାନ୍ ହେଲା, ବିଦ୍ୟା ପ୍ରାପ୍ତ କଲା ତେବେ ଏହାର ଅର୍ଥ କ'ଣ ? ତା'ର ଅର୍ଥ ହେଲା ଯେ ତା' ଭିତରେ ଥିବା ଅଜ୍ଞାନକୁ ସେ ଦୂର କଲା । ମଣିଷ ଯେତେ-ଯେତେ ବିଦ୍ୱାନ୍ ହୁଏ, ପୂର୍ବରୁ ନିଜର ମୂର୍ଖତା ସେତେ-ସେତେ ଥିଲା ବୋଲି ସେ ଆବିଷ୍କାର କରେ । ମୁଁ ଆଜି ଏ ବିଦ୍ୟା ପ୍ରାପ୍ତ କଲି ଅର୍ଥାତ୍ ଏହା ବିଷୟରେ କାଲି ପର୍ଯ୍ୟନ୍ତ ଜାଣିନଥିଲି । ଫେରେ ଏହାକୁ ନେଇ ଅଭିମାନ କରିବାର କାରଣ କ'ଣ ? ତଥାପି ଯଦି ବିଦ୍ୟାକୁ ନେଇ ମନରେ ଅହଂକାର ଆସୁଛି ତେବେ ବ୍ୟକ୍ତିର ସେ ସ୍ଥିତିକୁ ଜଣେ କବି ବଡ଼ ସୁନ୍ଦର ଭାବେ ସଂସ୍କୃତରେ କହିଛନ୍ତି —

**ବିଦ୍ୟା ଦଦାତି ବିନୟଂ ଯଦି ଚେଦବିନୟାବହା ।**
**କିଂ କୁର୍ମଃ କଂ ପ୍ରତି ବ୍ରୂମୋ ଗରଦାୟାଂ ସ୍ୱମାତରି ॥**

ବିଦ୍ୟା ବିନୟ ଦିଏ । ଯଦି ବିଦ୍ୟା ପ୍ରାପ୍ତ କରି ମଧ୍ୟ କେହି ବିନମ୍ର ନ ହୋଇ ଅବିନୀତ ହେଲା, ତେବେ ଆଉ କ'ଣ କରିବା ଏବଂ କାହା ପାଖରେ ଅଭିଯୋଗ କରିବା ଯଦି ମା' ହିଁ ପୁତ୍ରକୁ ବିଷ ଦେଇଦିଏ । ଅର୍ଥାତ୍ ବିଦ୍ୟାରୁ ଅଭିମାନର ଉତ୍ପତ୍ତି ନିଜେ ମାଆ ହିଁ ସନ୍ତାନକୁ ବିଷ ଦେବା ଭଳି ଅଟେ । ଏହା ଅତ୍ୟନ୍ତ ଦୁଃଖର ବିଷୟ ।

ଥରେ ପ୍ରସିଦ୍ଧ ଦାର୍ଶନିକ ସକ୍ରେଟିସ୍‌ଙ୍କ ପରିଚୟ ପ୍ରଦାନ କରିବାକୁ ଯାଇ ଜଣେ ବ୍ୟକ୍ତି କହିଲେ — ' ଇଏ ଜଣେ ଅତ୍ୟନ୍ତ ଜ୍ଞାନୀ ବ୍ୟକ୍ତି।' ସକ୍ରେଟିସ୍ ତୁରନ୍ତ ସେ ବ୍ୟକ୍ତିଙ୍କ କଥା ଅଟକାଇ ବିନମ୍ର ଭାବେ ହାତଯୋଡ଼ି କହିଲେ — 'ଆପଣ ମୋ ସହ ନ୍ୟାୟ କରନ୍ତୁ। ମୁଁ ବହୁତ ଅଳ୍ପ ଜାଣେ।' ପରିଚୟଦାତା ସ୍ମିତ ହାସ୍ୟ କରି ସକ୍ରେଟିସ୍‌ଙ୍କୁ ପଚାରିଲେ — 'ଲୋକେ ତ ଆପଣଙ୍କୁ ବଡ଼ ଜ୍ଞାନୀ ବୋଲି ମାନୁଛନ୍ତି। ଆପଣ କାହିଁକି ଏହାର ପ୍ରତିବାଦ କରୁଛନ୍ତି ?' ସକ୍ରେଟିସ୍ ଉତ୍ତର ଦେଲେ— 'ଏ କଥା ତ ଠିକ୍ ଯେ ମୁଁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଜାଣିଛି। କିନ୍ତୁ ସେ ଅଧିକ ଜ୍ଞାନଟି ହେଲା ଯେ ସାଧାରଣତଃ ଅନ୍ୟମାନଙ୍କୁ ନିଜ ଦୋଷ-ତ୍ରୁଟି ଦେଖାଯାଏ ନାହିଁ; କିନ୍ତୁ ମୋତେ ପ୍ରତି ପଦକ୍ଷେପରେ ମୋର ଭୁଲ୍-ତ୍ରୁଟିର ଆଭାସ ହୁଏ।' ଇଏ ହେଲା ବିଦ୍ୟାର ଯଥାର୍ଥ ଫଳ 'ବିନମ୍ରତା'।

ବେଦ-ଶାସ୍ତ୍ରର ଅପ୍ରତିମ ବିଦ୍ୱାନ୍, ଏ ଯୁଗର ମହାନ୍ ଋଷି ସ୍ୱାମୀ ଦୟାନନ୍ଦ ସରସ୍ୱତୀ ବିହାରର ଦାନାପୁରରେ ବୈଦିକ ଧର୍ମ ପ୍ରଚାର କାର୍ଯ୍ୟରେ ରତ ଥାଆନ୍ତି। ତାଙ୍କର ଆର୍ଷପ୍ରଜ୍ଞା କାରଣରୁ ସମାଜରେ ତାଙ୍କ ଗଣନା ବ୍ୟାସ, ବଶିଷ୍ଠ ଆଦି ଋଷିଙ୍କ ବର୍ଗରେ ହେବାକୁ ଲାଗିଥାଏ। ଥରେ ଜଣେ ଶ୍ରଦ୍ଧାଳୁ ତାଙ୍କୁ କହିଲେ — 'ଆପଣ ତ ଜଣେ ଋଷି।' ନିଜକୁ ବ୍ରହ୍ମାଙ୍କଠାରୁ ଆରମ୍ଭ କରି ଜୈମିନିଙ୍କ ପର୍ଯ୍ୟନ୍ତ ଋଷି ପରମ୍ପରାର ଅକିଞ୍ଚନ ଅନୁଗାମୀ ଓ ଆର୍ଷ ଧାରଣାର ବିନମ୍ର ପକ୍ଷପୋଷକ ବୋଲି ମାନୁଥିବା ଦୟାନନ୍ଦ ବିନୀତ ଭାବେ ଉତ୍ତର ଦେଲେ — "ଭାଇ ! ପ୍ରାକ୍ ସମୟର ଋଷିମାନଙ୍କ ଅଭାବରୁ ଆପଣ ମୋତେ ଋଷି ବୋଲି କହୁଛନ୍ତି; କିନ୍ତୁ ଆଜି ଯଦି ସାଂଖ୍ୟଦର୍ଶନ, ବୈଶେଷିକ ଦର୍ଶନ ଆଦିର ପ୍ରଣେତା କପିଳ, କଣାଦ ଭଳି ମହର୍ଷିଙ୍କ ଯୁଗ ହୋଇଥାଆନ୍ତା, ତେବେ ମୋର ଗଣନା ସମ୍ଭବତଃ ସାଧାରଣ ପଣ୍ଡିତଙ୍କ ଭିତରେ ହୋଇଥାଆନ୍ତା।" ଏହା ଥିଲା ମହାନ୍ ବିଦ୍ୱାନ୍ ଦୟାନନ୍ଦଙ୍କ ସରଳତା ଓ ବିନମ୍ରତା।

ଆଇଜାକ୍ ନିଉଟନ୍ ପ୍ରସିଦ୍ଧ ବୈଜ୍ଞାନିକ। ସେ ବିଜ୍ଞାନରେ ବହୁତ ବିଷୟ ଆବିଷ୍କାର ଓ ଉଦ୍‌ଭାବନ କରିଛନ୍ତି। ଏଥିପାଇଁ ତାଙ୍କୁ ବହୁ ମାନ-ସମ୍ମାନ ମିଳିଲା। ତାଙ୍କୁ ପ୍ରଶଂସାପୂର୍ବକ କୁହାଗଲା ଯେ, 'ଆପଣ ବିଜ୍ଞାନ ଗବେଷଣା କ୍ଷେତ୍ରରେ ବହୁ ଉପଲବ୍ଧି ପ୍ରାପ୍ତ କରି ବିଜ୍ଞାନକୁ ଏକ ନବଦିଗନ୍ତରେ ପହଞ୍ଚାଇଛନ୍ତି।' ଏହାର ଉତ୍ତରରେ ନିଜର ଅନ୍ତିମ ଅବସ୍ଥାରେ ସେ ଯେଉଁ ପ୍ରସିଦ୍ଧ ଉକ୍ତି କହିଛନ୍ତି ତାହା ସମସ୍ତଙ୍କ ପାଇଁ ପ୍ରଣିଧାନଯୋଗ୍ୟ। ସେ କହିଲେ —

'I do not know what I may appear to the world, but to myself I seem to have been only like a boy playing on the seashore, and diverting myself in now and then finding a smoother pebble or a prettier shell than ordinary, whilst the great ocean of truth lay all undiscovered before me.'

ମୁଁ ଜାଣିନି ଯେ ସଂସାର ପାଇଁ ମୁଁ କ'ଣ କରିଛି; କିନ୍ତୁ ମୁଁ ନିଜକୁ ସମୁଦ୍ର ବେଳାଭୂମିରେ ଖେଳୁଥିବା ସେହି ଶିଶୁ ଭଳି ବୋଲି ଭାବୁଛି ଯିଏ କି ବାଲିଗରଡ଼ା ଓ ଶାମୁକା ଖୋଜିବାରେ ବ୍ୟସ୍ତ ଅଛି ଯେତେବେଳେ କି ସତ୍ୟ ଜ୍ଞାନର ଅନାବିଷ୍କୃତ ବିସ୍ତୃତ ମହାସାଗର ମୋ ଆଗରେ ଲହଡ଼ି ମାରୁଛି।

ଆମ ମନରେ କେତେବେଳେ ଅହଂକାର ଉଦ୍ରେକ ହୁଏ ? ଯେତେବେଳେ ଆମକୁ କେବଳ ଆମ ପାଖରେ କ'ଣ ଅଛି ତାହା ତ ଦେଖାଯାଏ ଏବଂ ଆମ ପାଖରେ କ'ଣ ନାହିଁ ସେ ଦିଗକୁ ଧ୍ୟାନ ଯାଇନଥାଏ; ଯଥା — ବିଦ୍ୟା ଯୋଗ୍ୟତା, ରୂପ-ଲାବଣ୍ୟ, ପ୍ରଭୁତ୍ୱ-ପରାକ୍ରମ, ଧନ-ସମ୍ପଦ, ପଦ-ପଦବୀ ଇତ୍ୟାଦି। ଆମେ ଭୁଲିଯାଉ ଯେ ଆମ ପାଖରେ ଯାହା ଅଛି ତାହା ସୀମିତ ଏବଂ ଆମ ପାଖରେ ଯାହା ନାହିଁ ତାହା ଅସୀମିତ। ଜ୍ଞାନ ବିଷୟରେ ନିଉଟନ୍ ଏଇ କଥାକୁ କହିଛନ୍ତି — 'What we know is a drop, what we don't know is an ocean.' — ଆମେ ଯାହା ଜାଣିଛେ ତାହା ଏକ ବିନ୍ଦୁ ମାତ୍ର, ଆଉ ଆମେ ଯାହା ଜାଣିନାହେଁ ତାହା ହେଉଛି ସିନ୍ଧୁ। ନିଜ ଯୋଗ୍ୟତା-ସାମର୍ଥ୍ୟ ଆଦିକୁ ନେଇ ମଣିଷ ମନରେ ଉଠୁଥିବା ଅହଂକାର ପ୍ରବୃତ୍ତିକୁ ଆହ୍ୱାନ ଦେଇ ଥରେ ବିବେକ ପ୍ରୟୋଗ କରି ଆତ୍ମାବଲୋକନ କରିବା ପାଇଁ ବ୍ୟାସକବି ଫକୀର ମୋହନ

ସେନାପତି ବଡ଼ ସୁନ୍ଦର ଭାବେ ଲେଖିଛନ୍ତି —

ଅନନ୍ତ ସମୟ — ଜୀବନର ଅବସାନ,
ଅନନ୍ତ ବିଶ୍ୱରେ କ୍ଷୁଦ୍ରତମ ବାସସ୍ଥାନ !
ଅନନ୍ତ ସୌନ୍ଦର୍ଯ୍ୟ ପାଶେ ତବ ଦେହ-କାନ୍ତି,
ଅନନ୍ତ ଐଶ୍ୱର୍ଯ୍ୟ ସହ ସଞ୍ଚିତ ସମ୍ପତ୍ତି !
ସମ୍ମୁଖେ ବିସ୍ତୃତ ଜ୍ଞାନ ରତ୍ନାକର ମେଳା —
ପାରିଛ କି, ପାରିବ କି, ଅତିକ୍ରମି ବେଳା ?
ଅନନ୍ତ ବ୍ରହ୍ମାଣ୍ଡେ ଯାହା ଦେଖୁଛ ପ୍ରତ୍ୟକ୍ଷ —
ତାହା ସଙ୍ଗେ ବୋଲ ହୋଇପାର ସମକକ୍ଷ ?
କ୍ଷୁଦ୍ରାଦପି କ୍ଷୁଦ୍ର ଦେହ କ୍ଷଣକାଳ-ସ୍ଥିତି,
ବୃଥା ଅହଂକାରେ କିପାଁ ହରାଇଚ ମତି ?
କରିଛ ବ୍ୟବସା ହିଂସା ଗର୍ବ କୋଳାହଳ,
ପ୍ରେମ ପ୍ରୀତି ସୁଧା ତେଜି ଭକ୍ଷିଛ ଗରଳ ।
(ଦାମ୍ଭିକ)

ଯେତେ-ଯେତେ ଆମେ ଏ ବିରାଟ ସଂସାର ଆଡ଼କୁ ଦୃଷ୍ଟିପାତ କରିବା, ଏହାର ବିଶାଳତାକୁ ଅନୁଭବ କରିବାର ପ୍ରଯତ୍ନ କରିବା, ସେତେ-ସେତେ ଆମକୁ ଆମ କ୍ଷୁଦ୍ରତାର ଅବବୋଧ ହେବ । ଏ ବିରାଟ ବିଶ୍ୱ ବ୍ରହ୍ମାଣ୍ଡକୁ ବେଦରେ ଜଗତୀ ବୋଲି କୁହାଯାଇଛି ।

ଆମକୁ ଯେତେବେଳେ କୌଣସି କ୍ଷେତ୍ରରେ ଛୋଟିଆ ସଫଳତାଟିଏ ମିଳିଯାଏ, ଆମେ ତାକୁ ହିଁ ଶ୍ରେଷ୍ଠ ସଫଳତା ବୋଲି ବିଚାରକରୁ । ଉଦାହରଣ ସ୍ୱରୂପ ଯେତେବେଳେ ଆମେ ଘରଟିଏ ତିଆରି କରୁ, ତା'ର ଛଅ ମାସ / ବର୍ଷେ ଯାଏ ଯିଏ ବି ଆମ ଘରକୁ ଆସେ ଜାଗା କିଣାଠୁ ଆରମ୍ଭ କରି ଘରର ଡିଜାଇନ୍, ଝରକା, କବାଟ, ପଲସ୍ତରା, ରଙ୍ଗ, ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀ; ଯଥା — ଛଡ଼, ଇଟା, ସିମେଣ୍ଟ, ମାର୍ବଲ, ଟାଇଲ୍, କାଠ ଇତ୍ୟାଦି ବିଷୟରେ ଆମେ ବହୁତ ଗପୁ; ଶ୍ରୋତାର ଶୁଣିବାର ଇଚ୍ଛା, ଧୈର୍ଯ୍ୟ ଓ ସମୟ ନଥାଉ ପଛକେ । ଖଣ୍ଡ-ମଣ୍ଡଳରେ ଆମ ଘରଟା ଯେ ଅଦ୍ୱିତୀୟ ଏ କଥା ପ୍ରମାଣିତ କରିବା ପାଇଁ ଶହେ ମିଛ କଥା କହିବା କି ଅତିଥିଙ୍କୁ ବସାଇ ରଖିବା ପାଇଁ ଆବଶ୍ୟକ ସ୍ଥଳେ ଚାହା-ଜଳଖିଆ-ଭୋଜନ ବି ଦେବା କୌଣସିଥିରେ ଆମର କାର୍ପଣ୍ୟ ନଥାଏ । ଆମ କଥାରେ ଏକମତ ନ ହେଲେ କଥା କଟାକଟିରୁ ମନୋମାଳିନ୍ୟ ପର୍ଯ୍ୟନ୍ତ ବି କଥା ଯାଏ ।

ଗୋଟିଏ ନଗରରେ ଜଣେ ବଡ଼ ଧନୀ ବ୍ୟବସାୟୀ ରହୁଥିଲେ । ତାଙ୍କର ଚଳ-ଅଚଳ ସମ୍ପତ୍ତି ବହୁତ । ସେ ନଗରକୁ ଜଣେ ସାଧୁ ମହାତ୍ମା ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ପାଇଁ ଆସିଲେ । ଶେଠ ଜଣକ ଅତିଥି ସତ୍କାର ପାଇଁ ସାଧୁଙ୍କୁ ସ୍ୱଗୃହକୁ ନିମନ୍ତ୍ରଣ କଲେ । ସାଧୁ ନିମନ୍ତ୍ରଣ ସ୍ୱୀକାର କରି କିଛି ସମୟ ପୂର୍ବରୁ ଗୃହରେ ପହଞ୍ଚିଲେ । ଉଦ୍ଦେଶ୍ୟ ହେଲା କିଛି ସମୟ ଆଧ୍ୟାତ୍ମିକ ଚର୍ଚ୍ଚାର ଅବସର ରହିବ । ତେଣେ ଶେଠ ବିଚାର କଲେ ଯେ 'ଭୋଜନର ତ ସମୟ ହୋଇନାହିଁ । ଭୋଜନ ପରେ ସାଧୁ ଚାଲିଯାଇପାରନ୍ତି । ତେଣୁ ଏ ସମୟ ମଧ୍ୟରେ ନିଜ ପରିଶ୍ରମର ଉପାର୍ଜିତ କୃତିତ୍ୱ ସବୁ ସାଧୁଙ୍କୁ ଦେଖାଇ ଦେବା ।' ସେ ସାଧୁଙ୍କୁ ତାଙ୍କ ବହୁତଳ ପ୍ରାସାଦ ବୁଲି ଦେଖିବା ପାଇଁ ଆଗ୍ରହ କଲେ ଓ ସାଧୁ ରାଜି ହୋଇ ଚାଲିଲେ । ଶେଠ ତାଙ୍କ ବହୁତଳ ପ୍ରାସାଦର ସବୁ ଭାଗ ଦେଖାଇବା ସହ ସେ ସବୁର ସାରଗର୍ଭିକ ଇତିହାସ ଶୁଣାଇ ଚାଲିଥାନ୍ତି ଏବଂ ସେ ପ୍ରାସାଦରେ ଥିବା ପଦାର୍ଥଗୁଡ଼ିକ କେମିତି ଅମୂଲ୍ୟ-ଦୁର୍ମୂଲ୍ୟ ଓ ତାକୁ କେତେ ପରିଶ୍ରମରେ ସଂଗ୍ରହ କରିଛନ୍ତି ତାହା ବ୍ୟାଖ୍ୟାନ କରୁଥାନ୍ତି । କିଛି କହି ଶେଠ ପ୍ରତି ଥର ସାଧୁଙ୍କ ମୁହଁକୁ ଚାହୁଁଥାନ୍ତି । ସାଧୁ କିନ୍ତୁ ବିଶେଷ କିଛି କହୁନଥାନ୍ତି । ବାସ୍ ସ୍ମିତହାସ୍ୟ ସହ ପଦେ-ଅଧେ । ଶେଠ ବିଚାରିଲେ 'ସାଧୁ ତ ସାରା ସଂସାର ଭ୍ରମଣ କରୁଛନ୍ତି । ଆହୁରି ବଡ଼-ବଡ଼ ଶେଠଙ୍କ ଅତିଥି ହେଉଥିବେ । ତେଣୁ ମୋର ଏ ବହୁତଳ ପ୍ରାସାଦ କି ଏହା ଭିତରର ସୁନ୍ଦର ବସ୍ତୁଗୁଡିକ ଏହାଙ୍କୁ ପ୍ରଭାବିତ କରିପାରୁନାହାନ୍ତି । ମୋତେ ସାବାସି ଦେଇ ବିଶେଷ କିଛି କହୁନାହାନ୍ତି । ମୁଁ ଏହାଙ୍କୁ ଛାତ ଉପରକୁ ନେଇ ମୋର କାରଖାନା ଓ ବିଶାଳ ଜମି-ବାଡ଼ି ଦେଖାଇବି ।'

ଶେଠ ସାଧୁଙ୍କୁ ଛାତ ଉପରକୁ ନେଲେ । ଦୂରରେ ଧୂଆଁ ଉଠୁଥିବା ଚିମିନି ଆଡ଼କୁ ଦେଖାଇ କହିଲେ, 'ସେଇଟା ମୋ କାରଖାନା ।' ଦେଖିଲେ ସାଧୁ କୌଣସି ବିଶେଷ ପ୍ରଶଂସା ସୂଚକ ଶବ୍ଦ କହୁନାହାନ୍ତି । ପୁଣି କହିଲେ— 'ଏମିତି ଆହୁରି ତିନୋଟି ଭିନ୍ନ-ଭିନ୍ନ କାରଖାନା ଅଛି ।'

ସାଧୁଙ୍କ ପ୍ରସନ୍ନ ବଦନରେ ପୂର୍ବବତ୍ ସ୍ଥିତି । ତା' ପରେ କହିଲେ— 'ମୋ ପୂର୍ବପୁରୁଷଙ୍କ ବିଶେଷ ଜମି-ବାଡ଼ି ନଥିଲା । ସେପଟେ ଯେଉଁ ଶହ-ଶହ ଏକର ଜମି ଦେଖୁଛନ୍ତି ସେସବୁ ମୁଁ କିଣିଛି ।' ଦେଖିଲେ ଯେ ସାଧୁ ପୂର୍ବବତ୍ ଶାନ୍ତ । ଏଥର ଶେଠଙ୍କ ଉତ୍ସାହ ବିରକ୍ତିରେ ପରିବର୍ତ୍ତିତ ହେବାକୁ ଲାଗିଲା ଓ ସେ ମନେମନେ ସାଧୁଙ୍କୁ ଗାଳିଦେବା ଆରମ୍ଭ କରିଦେଲେ— 'ଏ ବାବା ମୂକ ନା ବଧିର ନା ପାଗଳ ? ଏସବୁ ଦେଖିପାରୁଛନ୍ତି, ମୋ କଥା ଶୁଣିପାରୁଛନ୍ତି, ବୁଝିପାରୁଛନ୍ତି ନା ନାହିଁ? ମୋତେ ପାଞ୍ଚ-ଦଶ ପଦ ଭଲ ଭାବେ ପ୍ରଶଂସା କରିଦେଲେ ୟା'ଙ୍କର କ'ଣ ସରିଯାଉଛି ? ମୋ ଘରେ ଷଡ଼ରସ ବ୍ୟଞ୍ଜନର ଭୂରିଭୋଜନ କରିବେ, ଅଥଚ ପ୍ରଶଂସା କଲାବେଳକୁ ୟାଙ୍କର ପାଟି ଖୋଲୁନି ।' 'ଗୋଟାଏ ଅପଦାର୍ଥକୁ ମୁଁ ଅଯଥା ନିମନ୍ତ୍ରଣ କଲି । ଗଣ୍ଡେ ଖାଇବାକୁ ଦେଇ ଶୀଘ୍ର ବିଦା କରିଦେଲେ ମୁଣ୍ଡବ୍ୟଥା ଯିବ'— ଏଇଆ ବିଚାର କରି ସାଧୁଙ୍କୁ କହିଲେ— 'ଚାଲନ୍ତୁ ତଳକୁ ଯିବା । ଆପଣଙ୍କ ଭୋଜନ ସମୟ ବିଳମ୍ବ ହୋଇଯିବ । ଆପଣ ଶୀଘ୍ର ଯିବେ, କାରଣ ଆପଣଙ୍କର ତେଣେ ଅନ୍ୟ କାମ ବି ଥିବ ।' ସାଧୁ ସବୁ ଶୁଣୁଥାନ୍ତି, ସବୁ ବୁଝୁଥାନ୍ତି, ବିଶେଷ କିଛି କହୁନଥାନ୍ତି ।

ବୈଠକ ଘରେ ଆସି ଉଭୟେ ବସିଥାନ୍ତି । ଏତିକି ବେଳେ ଶେଠଙ୍କ ୧୨-୧୩ ବର୍ଷ ବୟସର ନାତି ସେଠାକୁ ଆସିଲା । ସାଧୁ ତାକୁ ନାମ ଆଦି ପଚାରିବା ପରେ ପଚାରିଲେ— 'କେଉଁ ଶ୍ରେଣୀରେ ପାଠ ପଢୁଛ ?' ସେ ତା' ଶ୍ରେଣୀ କହିଲା । ସାଧୁ ପଚାରିଲେ — 'ଆଟଲାସ୍ ଅଛି ତୁମ ପାଖରେ, ତୁମେ ଦେଖି ଜାଣିଛ ?' ସେ ହଁ ଭରିଲା । ' କୌଣସି ବି ଜାଗା କହିଲେ ତୁମେ ମୋତେ ଆଟଲାସ୍‌ରେ ଦେଖାଇ ପାରିବ ?' ସେ ପିଲାଟି ହଁ କହି ଆଗ୍ରହରେ ଆଟ୍‌ଲାସ୍ ଓ ଜ୍ୟାମିତି ବାକ୍‌ସ ନେଇଆସିଲା । ସାଧୁ କହିଲେ— 'ପୃଥିବୀର ମାନଚିତ୍ର ଦେଖାଅ ।' ସେ ଦେଖାଇଲା । 'ଭାରତ ଦେଖାଅ' । ପିଲାଟି ଦେଖାଇଲା । 'ତୁମେ ରହୁଥିବା ପ୍ରଦେଶ ଦେଖାଅ' କହିବାରୁ ସେ ପେନ୍‌ସିଲ୍ ସାହାଯ୍ୟରେ ପ୍ରଦେଶର ସୀମା (ଛୋଟ ଆକାରରେ ଥିବା) ଦେଖାଇଲା । 'ତୁମେ ରହୁଥିବା ନଗର ଦେଖାଅ'— ସାଧୁ କହିଲେ । ପିଲାଟି କହିଲା, 'ସ୍ପଷ୍ଟ ରୂପେ ପରିସୀମା ସହ ଦେଖାଇ ହେବ ନାହିଁ । ଏ ପେନ୍‌ସିଲ୍‌ର ମୁନ ରଖି ବିନ୍ଦୁ ଆକାରରେ ଦେଖାଇପାରିବି । ଏ ଦେଖନ୍ତୁ ମୁଁ ରଖୁଛି କହି ସେ ମୁନ ରଖିଲା ।' ତା' ପରେ ସାଧୁ କହିଲେ— 'ଏଇ ନଗରରେ ତୁମ ଜେଜେବାପାଙ୍କ ଯେଉଁ ଏତେ ବଡ଼ ଜମି-ଜମା, ଘର-ଦ୍ୱାର, କଳ-କାରଖାନା ପରିବେଷ୍ଟିତ ଅଞ୍ଚଳ ଅଛି, ତାହା ଟିକିଏ ଏ ଆଟ୍‌ଲାସ୍‌ରେ ଦେଖାଇଲ ।' ପିଲାଟି କହିଲା— 'ସମ୍ଭବ ନୁହେଁ । ଏଥିରେ ପେନ୍‌ସିଲ୍ ମୁନ ବି ରଖି ଦେଖାଇ ହେବନି ।' ସାଧୁ କହିଲେ — 'ଆଶ୍ଚର୍ଯ୍ୟ କଥା ! 'ଜେଜେବାପାଙ୍କର ଏତେ ସବୁ ଜମି-ଘର-କାରଖାନା, ଅଥଚ ନାତି କହୁଛି ଯେ ସେତିକି ଅଞ୍ଚଳ ଉପରେ ଆଟ୍‌ଲାସ୍‌ରେ ପେନ୍‌ସିଲ୍ ମୁନ ବି ରଖିହେଉନି ।' ଶେଠ ସବୁ ବୁଝିଗଲେ ।

ଆମେ ଯେତେବେଳେ ଆମ ଘରକୁ ନେଇ ଅଭିମାନ କରୁ, ସେତେବେଳେ ମନେ ରଖିବା ଉଚିତ ଯେ ସେହି ସାହିରେ କେବଳ ଆମର ଜଣକର ଘର ନାହିଁ । ଆମ ଘର ଭଳି ଅନେକ ଘର ମିଶି ସାହି ହୋଇଛି । ଏଇମିତି ଅନେକ ସାହି ମିଶି ଗାଁ', ସହର । ଗୋଟିଏ ଜିଲ୍ଲାରେ ଅନେକ ଗାଁ, ସହର ଓ ଅନେକ ଜିଲ୍ଲା ମିଶି ଏକ ପ୍ରଦେଶ । ଏକ ଦେଶ ଭିତରେ ଅନେକ ପ୍ରଦେଶ । ଏକ ମହାଦେଶରେ ଅନେକ ଦେଶ । ଏ ତ ଗଲା କେବଳ ସ୍ଥଳଭାଗ କଥା । ପୃଥିବୀର ଜଳଭାଗ ତ ସ୍ଥଳଭାଗର ପ୍ରାୟ ତିନି ଗୁଣ । କେବଳ ପୃଥିବୀରେ ଜଳଭାଗ-ସ୍ଥଳଭାଗ ଏପରି ଅଛି । ଆମ ପୃଥିବୀ ଯେଉଁ ସୌର ପରିବାରର ସଦସ୍ୟ ସେଇଠି ପୃଥିବୀଠୁ ଅନେକ ଗୁଣ ବଡ଼-ବଡ଼ ଆକାଶୀୟ ପିଣ୍ଡ ବି ଅଛନ୍ତି । ପୃଥିବୀଠୁ ଛୋଟ ବି ଅନେକ ଗ୍ରହ, ଉପଗ୍ରହ, ଗ୍ରହାଣୁପୁଞ୍ଜ ଅଛନ୍ତି । ଗୋଟିଏ ନୀହାରିକା ଭିତରେ କୋଟି-କୋଟି ସୂର୍ଯ୍ୟ ଭଳି ଓ ସୂର୍ଯ୍ୟଠୁ ବହୁ ଗୁଣ ବଡ଼ ଜ୍ୟୋତିଷ୍କ ନିଜ ପରିବାର ସହ ଅଛନ୍ତି । ନୀହାରିକା, ଛାୟାପଥ, ଆକାଶଗଙ୍ଗାରେ ପୂର୍ଣ୍ଣ ଅନନ୍ତ ଏ ବ୍ରହ୍ମାଣ୍ଡ । ଏଣୁ ଏହାକୁ କୁହାଯାଏ ଜଗତୀ — **'ତଦିଦଂ ସର୍ବଂ ଜଗଦସ୍ୟାଂ ତେନେୟଂ ଜଗତୀ'**(ଶତ.୧:୮:୨:୧୧) ।

ଥରେ ବିବେକ ପ୍ରୟୋଗ କରି ଏ ବିଶାଳ ସୃଷ୍ଟି ତୁଳନାରେ ଆମ ନିଜ ସ୍ଥିତିକୁ ବିଚାର କଲେ ଅହଂକାରରେ ମତ୍ତ ହୋଇ ଆମେ ଯେଉଁ ସର୍ବଦା ମୁଁ-ମୁଁ କରୁଛେ; ଯଥା—

ମୋଠୁ ସୁନ୍ଦର, ମୋଠୁ ବଡ଼, ମୋଠୁ ଯୋଗ୍ୟ କେହି ନାହିଁ; ମୋତେ ଛାଡ଼ି କେହି କିଛି କରିପାରିବେ ନାହିଁ, ମୋତେ ସମସ୍ତେ ମାନିବା, ଭୟ-ଖାତିର କରିବା ଉଚିତ ଇତ୍ୟାଦି ଭାବୁଛେ-କହୁଛେ ତା'ର ଅବସାନ ଘଟିବ। ଆମକୁ ଚେତାଇ ଦେଇ ମାୟାଧର ମାନସିଂହ ଲେଖିଛନ୍ତି —

ଅଗଣ ସେ ବିଶ୍ୱମେଳେ ଆମ ଏ ଧରଣୀ,
ହିମାଳୟ ପଦ-ଲଗ୍ନ ସର୍ଷପ ସମାନ,
ସେ ସୋରିଷ ମେଳା ଆମ ଅହଂର ବିପଣୀ,
କୀଟ ଚାହେଁ କୀଟଠାରୁ ଭୟ ଓ ସମ୍ମାନ।

(ପାନ୍ଥ-ଗାଥା)

ଭାରତୀୟ କାଳଗଣନା ଅନୁସାରେ ଏ ସୃଷ୍ଟିକୁ ଆଜି ସୁଦ୍ଧା ୧୯୬ କୋଟିରୁ ଉର୍ଦ୍ଧ୍ୱ ବର୍ଷ ହେଲାଣି। ଏ ସୁଦୀର୍ଘ କାଳଖଣ୍ଡ ମଧ୍ୟରେ କେତେ ଯେ ମହାନ୍ ଜ୍ଞାନୀ, ଗୁଣୀ, ମନୀଷୀ, ଚିନ୍ତକ, ଦାର୍ଶନିକ ଏ ଧରାପୃଷ୍ଠର ଶୋଭାବର୍ଦ୍ଧନ କରିଛନ୍ତି ତା'ର ହିସାବ ନାହିଁ। କିନ୍ତୁ ଆମର ସଂକୀର୍ଣ୍ଣ ଦୃଷ୍ଟି ସେ ଦିଗକୁ ଯାଉନଥିବାରୁ ସାମାନ୍ୟ ଜ୍ଞାନ ଟିକିଏ ପାଇଗଲେ ଆମେ ନିଜକୁ ବହୁତ ବଡ଼ ଜ୍ଞାନୀ ବୋଲି ଭାବୁଛେ। ଆମର ଏ ବିଚାର ଓ ତା'ର ଦୂରୀକରଣର ଉପାୟ ମହାରାଜ ଭର୍ତ୍ତୃହରି ବଡ଼ ସୁନ୍ଦର ଭାବେ ବତାଇଛନ୍ତି —

**ଯଦା କିଞ୍ଚିଜ୍ଜ୍ଞୋଽହଂ ଦ୍ୱିପ ଇବ ମଦାନ୍ଧଃ ସମଭବମ୍,**
**ତଦା ସର୍ବଜ୍ଞୋଽସ୍ମୀତ୍ୟଭବଦବଲିପ୍ତଂ ମମ ମନଃ।**
**ଯଦା କିଞ୍ଚିତ୍ କିଞ୍ଚିଦ୍ ବୁଧଜନସକାଶାଦବଗତଂ**
**ତଦା ମୂର୍ଖୋଽସ୍ମୀତି ଜ୍ୱର ଇବ ମଦୋ ମେ ବ୍ୟପଗତଃ ॥**

(ନୀତିଶତକ. ୭)

ଯେତେବେଳେ ଯେନତେନ ପ୍ରକାରେଣ ମୋତେ ଅଳ୍ପ ଟିକିଏ ଜ୍ଞାନ ପ୍ରାପ୍ତ ହେଲା ସେତେବେଳେ ମୁଁ ମଦୋନ୍ମତ୍ତ ହାତୀ ଭଳି ଅହଂକାରରେ ଅନ୍ଧ ହୋଇଗଲି ଏବଂ 'ମୁଁ ସବୁ ଜାଣିଛି', 'ମୁଁ ସର୍ବଜ୍ଞ' - ଏଭଳି ଭାବନା ମୋ ମନରେ ଘର କରିଗଲା। କିନ୍ତୁ ଜ୍ଞାନୀ, ବିଦ୍ୱାନ୍, ମନୀଷୀଙ୍କ ସତ୍‌ସଙ୍ଗ ଦ୍ୱାରା ଯେତେବେଳେ ମୋତେ ଆଉ କିଛି-କିଛି ଜ୍ଞାନ ପ୍ରାପ୍ତ ହେବାକୁ ଲାଗିଲା ସେତେବେଳେ ମୋର ଜ୍ଞାନଚକ୍ଷୁ ଯଥାର୍ଥତଃ ଖୋଲିବାକୁ ଲାଗିଲା, ସେତେବେଳେ ମୋତେ ଜଣାଗଲା ଯେ 'ମୁଁ ତ ମୂର୍ଖ ଅଟେ', 'ମୋର କିଛି ଜ୍ଞାନ ନାହିଁ କହିଲେ ଚଳେ'। ସେତେବେଳେ ମୋର ଗର୍ବ-ଅହଙ୍କାର ଜ୍ୱର ଛାଡ଼ିବା ଭଳି ଓହ୍ଲାଇଗଲା।

ଆମେ ବର୍ତ୍ତମାନ ସୁଦ୍ଧା ଯେଉଁ ଅହଂଙ୍କାର ନାମକ ଗୁଣ, ଜ୍ଞାନ ବା ଭାବନା ବିଷୟରେ ବିଚାର କଲେ ତାହା ବାସ୍ତବରେ 'ମିଥ୍ୟା ଅହଂକାର'। ମିଥ୍ୟା-ଅହଂକାର ସେଇ ଭାବନାର ନାମ ଯାହା ବ୍ୟକ୍ତିକୁ ତା'ର ଯଥାର୍ଥ ସ୍ଥିତି ବିସ୍ମୃତ କରାଇଦିଏ, ସିଏ ବାସ୍ତବରେ ଯାହା ତାକୁ ତାହାଠୁ ବହୁତ ବଡ଼ ବୋଲି ଅନୁଭବ କରାଏ, ଯାହା ଦ୍ୱାରା ବ୍ୟକ୍ତି ନିଜକୁ ଅଧର୍ମାଚରଣ କରିବାରେ ସମର୍ଥ ବୋଲି ଭାବିଥାଏ। ମନରେ ରଜୋଗୁଣ ଓ ତମୋଗୁଣର ଉଦୟ-ପ୍ରାବଲ୍ୟ କାରଣରୁ ଏହା ଉଦ୍ରେକ ହୋଇଥାଏ। ରଜୋଗୁଣର ପ୍ରାବଲ୍ୟ ଜନିତ ଅହଂକାରରେ ଆତ୍ମବଡ଼ିମା ପ୍ରକାଶ, ପ୍ରଦର୍ଶନ କରିବା, ଦେଖାଇବାର ଭାବନା ମନରେ ଦେଖାଦିଏ। ମୋର ଏତେ ଜ୍ଞାନ, ବଳ, ବୁଦ୍ଧି, ଧନ-ସମ୍ପଦ, ରୂପ-ଯୌବନ, ଗାଡ଼ି-ଘୋଡ଼ା, ଜମି-ବାଡ଼ି ଆଦି ଅଛି ବୋଲି ସେ ବିଚାର କରେ। ମୁଁ ଏମିତି ଭାବେ ପଇସା ଉଡ଼େଇବି, ପୁଅ-ଝିଅଙ୍କ ବାହାଘର ଏତେ ଧୂମ୍‌ଧାମ୍‌ରେ କରିବି, ଏମିତି ଆଡ଼ମ୍ବର ଦେଖାଇବି, ଏତେ ହଜାର ଟଙ୍କାର ବାଣ ଫୁଟାଇବି, ଧାର-ଉଧାର କରି ମଧ୍ୟ ଏଭଳି ଭୋଜି କରିବି ଯେ ଲୋକେ ସବୁବେଳେ ମୋତେ ପ୍ରଶଂସା କରୁଥିବେ ଆଦି ଭାବନା ପ୍ରକାଶିତ କରେ ଓ କାର୍ଯ୍ୟରେ ରୂପାୟିତ କରେ। ରାଜସିକ ଅହଂକାର ଗ୍ରସ୍ତ ବ୍ୟକ୍ତି ଧାର-କରଜ କରି ମଧ୍ୟ ବଡ଼ଲୋକି ଦେଖାଉଥାଏ।

ତମୋଗୁଣ କାରଣରୁ ମିଥ୍ୟା-ଅହଂକାର ଜାଗ୍ରତ ହେଲେ ବ୍ୟକ୍ତି ନିଜଠାରୁ କେହି ବିଦ୍ୟା, ବଳ, ପ୍ରଭୁତ୍ୱ, ପ୍ରତିପତ୍ତି, କଳା-କୌଶଳ, ଧନ-ସମ୍ପଦ ଆଦିରେ ବଢ଼ିଗଲେ ସହ୍ୟ କରିପାରେ ନାହିଁ। ତାକୁ ଯେନତେନ ପ୍ରକାରେଣ ଦବାଇବା, ତା'ର ଗୋଡ଼ଟାଣିବା, ତା' ନାମରେ ମିଥ୍ୟା ଦୁର୍ନାମ କରିବା, ତାକୁ ତଳିତଳାନ୍ତ କରିବା, ତାଙ୍କୁ ଅନ୍ୟ-ଆଗରେ ନିକୃଷ୍ଟ ବୋଲି କହି ଅପମାନିତ କରିବା ପାଇଁ ପ୍ରଯତ୍ନ କରେ। ତା' ଭିତରେ ପ୍ରତିଶୋଧ, ପ୍ରତିହିଂସା, ସତ୍ୟାନାଶ କରିବା ପ୍ରବୃତ୍ତି ଦେଖାଦିଏ।

ମିଥ୍ୟା-ଅହଂକାର କାରଣରୁ ବ୍ୟକ୍ତି ମର୍ଯ୍ୟାଦା, ଅନୁଶାସନ, ଆଜ୍ଞାପଳନ ଆଦିର ଶତ୍ରୁ ହୋଇଯାଏ। ସିଏ

ସର୍ବଦା ସମସ୍ତଙ୍କୁ ନିଜ ଅଧୀନରେ ରଖିବାକୁ ଚାହେଁ; କିନ୍ତୁ ନିଜେ କେବେ କାହା ଅଧୀନରେ ରହିବାକୁ ଚାହେଁ ନାହିଁ। ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ କ୍ରିୟାକଳାପରେ ହଠ, ଦୁରାଗ୍ରହ, ସ୍ୱଚ୍ଛନ୍ଦତା, ଉଦ୍ଦଣ୍ଡତା, ଉଚ୍ଛୃଙ୍ଖଳତା ଆଦିର ଆଶ୍ରୟ ନିଏ। ବିନମ୍ରତା, ଗୁରୁଜନଙ୍କୁ ଉଚିତ ସମ୍ମାନ ପ୍ରଦର୍ଶନ ଆଦି ତା'ଠାରୁ ଦୂରେଇଯାଏ।

ମିଥ୍ୟା-ଅହଂକାରଗ୍ରସ୍ତ ବ୍ୟକ୍ତି ଯେତେବେଳେ କୌଣସି ପଦ-ପ୍ରତିଷ୍ଠା ପ୍ରାପ୍ତ କରିନିଏ ସେତେବେଳେ ସେ ନିଜକୁ ବିଶ୍ୱର ସର୍ବଶକ୍ତିସମ୍ପନ୍ନ ବ୍ୟକ୍ତି ବୋଲି ମନେକରେ। ଅଧିକାର ନାମରେ ଶୋଷଣ, ଉତ୍ପୀଡନ, ସମୟୋଲ୍ଲଙ୍ଘନ, ନିୟମ-ଅତିକ୍ରମଣ, ଯଥେଚ୍ଛାଚାର ଆଦି କରିଥାଏ। ସମସ୍ତଙ୍କ ତ୍ରୁଟି ମୋ ହାତମୁଠାରେ, ମୁଁ ସମସ୍ତଙ୍କ ହର୍ତ୍ତା-କର୍ତ୍ତା-ଭାଗ୍ୟବିଧାତା ବୋଲି ଭାବିଥାଏ। ନିଜର ବାସ୍ତବିକ ସ୍ଥିତି ବିସ୍ମୃତ ହୋଇଯାଇଥାଏ। କବିବର ରାଧାନାଥଙ୍କ ଭାଷାରେ —

ଇଚ୍ଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ-ଡେଶରି,
ନିଜ ଭାଗ୍ୟ-ଡେଶରି କାଳହସ୍ତେ ଏହା
ପକାନ୍ତି ହେଳେ ପାସୋରି ।

(ପାର୍ବତୀ)

ମିଥ୍ୟା ଅହଂକାରୀ ବ୍ୟକ୍ତି ଲୋଭୀ, ସ୍ୱାର୍ଥୀ, ଚାଟୁକାର, ତୋଷାମଦିଆଙ୍କୁ ପରମହିତୈଷୀ ବୋଲି ଭାବିଥାଏ। ରୂପବାନ୍ ମିଥ୍ୟା-ଅହଂକାରୀ କୌଣସି ରୂପହୀନ ସହ ସମ୍ବନ୍ଧ, ଭଦ୍ରତାପୂର୍ବକ କଥାବାର୍ତ୍ତା, ବ୍ୟବହାର କରିବାରେ ନିଜ ଅପମାନ ବୋଲି ମଣିଥାଏ। ସ୍ୱାସ୍ଥ୍ୟସମ୍ପନ୍ନ ମିଥ୍ୟା-ଅହଂକାରୀ ବ୍ୟକ୍ତିକୁ ତ ଅନ୍ୟ ସମସ୍ତେ ପେଟୁ, ଅଳସୁଆ, ନିରୁଦ୍ୟମୀ, ଅସଂଯମୀ, ଭାଗ୍ୟହୀନ ହିଁ ଦେଖାଯାଆନ୍ତି। ଏଭଳି ଭାବେ ମିଥ୍ୟା ଅହଂକାରରେ ଲୋକେ ଗ୍ରସ୍ତ ହୋଇଥାନ୍ତି। କବିବର ରାଧାନାଥଙ୍କ ଭାଷାରେ —

ଆପଣାକୁ ବଡ଼ ମଣି ସମସ୍ତେ କୁଣ୍ଠିତ
ମହାର୍ଘବଚନବ୍ୟୟେ, ମାନହାନିଭୟେ,
ଅହମିକା-କୂପେ କୂପମଣ୍ଡୁକ ସରବେ,
ଧନମଦେ ମତ୍ତ କେହୁ, କେହୁ ଜନମଦେ,
ଭଜନର ମଦେ କେହୁ, ପଦେ କେହୁ ଅବା,
କେହୁ ରୂପମଦେ, କେହୁ ଆଭିଜାତ୍ୟମଦେ,
ବିଦ୍ୟାମଦେ, ବୁଦ୍ଧିମଦେ ସ୍ଫୀତ ହୋଇ କେହୁ
ନିଜକୁ ଅତୁଳ ମଣି ଧରା ମଣେ ସରା!
ଅନ୍ୟଠାରେ ଅବନତ ହୋଇ ଅତିରେକେ
ଅତି ବିନୟର ଭାବ କରଇ କେ ପୁଣି
ଅହଂକାରଶୂନ୍ୟ ବୋଲି ମନେ ଅହଂକାରୀ!

(ମହାଯାତ୍ରା)

**ପ୍ର.କ. —** ଜଣେ ବ୍ୟକ୍ତି ଅବିଦ୍ୱାନ୍, ଅଜ୍ଞାନ। ତା' ପାଖରେ ଅହଂକାର ରହିବା ସାଧାରଣ କଥା ଭଳି ଜଣାପଡୁଛି। କିନ୍ତୁ ଯେଉଁମାନେ ବହୁତ ପଢୁଛନ୍ତି, ଲେଖୁଛନ୍ତି, ବଡ଼-ବଡ଼ ଭାଷଣ ଦେଉଛନ୍ତି, ଜ୍ଞାନୀ ରୂପେ ଗଣାଯାଉଛନ୍ତି ସେମାନଙ୍କ ଭିତରେ ବି ଏଭଳି ଅହଂକାର ଦେଖାଯାଉଛି। ଏମିତିକି ଧର୍ମଜଗତରେ ପ୍ରଖ୍ୟାତ ହୋଇଥିବା, ସମାଜରେ ବଡ଼ ଧାର୍ମିକ ରୂପେ ପରିଚିତ ହେଉଥିବା, ବଡ଼ ବଡ଼ କଥାକାର-ପ୍ରବାଚକ ସାଜିଥିବା, ବାବା-ମାତା-ମହନ୍ତ-ମଠାଧୀଶ-ପୀଠାଧୀଶ ହୋଇଥିବା ଲୋକଙ୍କ ଭିତରେ ବି ପ୍ରଚଣ୍ଡ ରୂପେ ଏ ଅହଂକାରର ପ୍ରଦର୍ଶନ ଦେଖାଯାଏ। ସାଂସାରିକ ଭୋଗରେ ମଜ୍ଜି ଯାଇଥିବା ଲୋକ ପାଖରେ ଅହଂକାର ଥିବା କଥା ତ ବୁଝିହେଉଛି; କିନ୍ତୁ ଘର-ଦ୍ୱାର, ମାତା-ପିତା ସବୁ ଛାଡ଼ି ତ୍ୟାଗୀ ହେଉଥିବା, ମିଛ-ମାୟା ସଂସାର ବୋଲି ଲୋକଙ୍କୁ ବୁଝାଉଥିବା କେତେକ ଲୋକଙ୍କ ଭିତରେ ବି ଅହଂକାର ଏତେ ପରିମାଣରେ କେମିତି ଥାଏ ସେକଥା ବୁଝିହେଉନି।

**ସ୍ୱାମୀଜୀ —** ଆମେ ଖାଦ୍ୟ ଖାଉଛେ। ଖାଦ୍ୟ ଆମ ପେଟ ଭିତରକୁ ଯାଇ ଉତ୍ତମ ରୂପେ ପରିପାକ ହେଲେ ସେଥିରୁ ଉତ୍ତମ ରସ, ରକ୍ତ, ମାଂସ, ମେଦ ଆଦି ତିଆରି ହୁଏ, ଆମ ଶରୀର ପରିପୁଷ୍ଟ ହୁଏ। କିନ୍ତୁ ସେ ଖାଦ୍ୟରୁ ଏକ ଭାଗ ମଳ ରୂପେ ମଧ୍ୟ ବାହାରେ। ଆପଣ କାଜୁ-କିସ୍‌ମିସ୍-ବାଦାମ, ଦୁଧ-ଦହି-ଛେନା-ଘିଅ, ଫଳ-ମୂଳ ଆଦି ଯାହା ବି ଖାଆନ୍ତୁ; ଯେତେ ପୌଷ୍ଟିକ, ଶୁଦ୍ଧ ପଦାର୍ଥ ବି ଖାଆନ୍ତୁ ସେଥିରୁ ନିଶ୍ଚିତ ରୂପେ କିଛି ମଳ ତିଆରି ହେବ ହିଁ ହେବ। ଖାଦ୍ୟ ଉତ୍ତମ ରୂପେ ପରିପାକ ହୋଇ ସେଥିରୁ ବର୍ଜ୍ୟ ବସ୍ତୁ ରୂପକ ମଳ ଶରୀରରୁ ନିଷ୍କାସିତ ହୋଇଗଲେ

ଶରୀର ସୁସ୍ଥ ରହେ। ମଳ ନିଷ୍କାସିତ ନ ହେଲେ ଶରୀର ରୁଗ୍ଣ ହୁଏ। ଖାଦ୍ୟ ଉତ୍ତମ ରୂପେ ପରିପାକ ନ ହେଲେ ବି ଶରୀର ରୁଗ୍ଣ ହୁଏ। ସେହିଭଳି ବିଦ୍ୟା, ଯୋଗ୍ୟତା ଆଦି ଯାହା ବି ଆହାର ଆମେ ଆମ ଭିତରକୁ ନେଉ ଅର୍ଥାତ୍ ଆହରଣ କରୁ ସେସବୁ ପରିପାକ ନ ହେଲେ ବି ଅହଂକାର ବଢ଼େ ଏବଂ ତାହା ପରିପାକ ହେଲା ପରେ ବି ବର୍ଜ୍ୟ ବସ୍ତୁ ରୂପେ ଯେଉଁ ଅହଂକାର ଉତ୍ପନ୍ନ ହୁଏ ତା'ର ନିଷ୍କାସନ ପାଇଁ ଈଶ୍ୱରଙ୍କ ଉପାସନା, ସଂସାରର ବିରାଟତାର ଚିନ୍ତନ ଆଦି ରୂପକ ଶୌଚ-କ୍ରିୟା ନ କଲେ ମନରେ ସେ ଅହଂକାର ଜମା ହୋଇ ରହି ଆମ ମନକୁ, ଜୀବନକୁ ରୋଗଗ୍ରସ୍ତ କରେ।

ମଣିଷ ବାହ୍ୟ ପଦାର୍ଥକୁ ତ ତ୍ୟାଗ କରିଦିଏ; କିନ୍ତୁ ତା' ସହିତ ନିଜ ମନ ଭିତରେ ଏ ଅହଂକାର ବଢ଼ାଇ ଚାଲେ ଯେ 'ଅମୁକ ବ୍ୟକ୍ତି ଏଇଆ ଛାଡ଼ିପାରିନି, ସମୁକ ବ୍ୟକ୍ତି ସେଇଆ ଛାଡ଼ିପାରିନି; କିନ୍ତୁ ମୁଁ ଏତେ ବିଷୟ ତ୍ୟାଗ କରିପାରିଛି। ଏଣୁ ଏମାନେ ସମସ୍ତେ ଅପଦାର୍ଥ, ନିକୃଷ୍ଟ। ଆଉ ମୁଁ ସର୍ବୋତ୍କୃଷ୍ଟ।' ଏକଥା ସେ କହିବୁଲୁଥାଏ ମଧ୍ୟ। ଏଭଳି କାର୍ଯ୍ୟ ଯୋଗୁଁ ତା' ଅହଂକାର ନିରନ୍ତର ବଢୁଥାଏ। ଏହା ଅତ୍ୟନ୍ତ ବିପଜ୍ଜନକ। ଉଦାହରଣ ସ୍ୱରୂପ — ଜଣେ ଲୋକ ଚାଲିଚାଲି ଯାଉଛି। ଯଦି ସେ ଝୁଣ୍ଟିପଡ଼େ, ତେବେ ଟିକିଏ ଖଣ୍ଡିଆ-ଖାବରା ହୋଇପାରେ। ଜଣେ ସାଇକେଲ୍‌ରେ ଗଲାବେଳେ ପଡ଼ିଗଲେ ସାଇକଲ୍‌ର ଗତି ଅନୁସାରେ ହୁଏତ ଆଉ ଟିକିଏ ଅଧିକ ଖଣ୍ଡିଆ-ଖାବରା ହେବ। ଜଣେ ମୋଟର ସାଇକେଲ୍‌ରେ ଗଲାବେଳେ ପଡ଼ିଗଲେ ଗାଡ଼ିର ଗତି ଆଧାରରେ କ୍ଷତ-ବିକ୍ଷତ ହେବ। ଯଦି ଜଣେ ବହୁତ ଉଚ୍ଚରୁ ପଡ଼ିଯାଏ ତେବେ ତା'ର ହାଡ଼-ଗୋଡ଼ ସବୁ ଚୂନା ହୋଇଯିବ। ପ୍ରାଣ ବି ଚାଲିଯାଇପାରେ। ଆଉ ଯଦି ବିମାନରେ ଯାଉଥିବା ବେଳେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଏ, ବ୍ୟକ୍ତି ହଜାର-ହଜାର ଫୁଟ୍ ଉଚ୍ଚରୁ ପଡ଼େ ତେବେ ତା'ର କ'ଣ ଯେ ହେବ କହିବା ମୁସ୍କିଲ୍। ସେହିଭଳି ଯାହାର ଅହଂକାର ଯେତେ ବଢୁଥାଏ ଜାଣିନିଅନ୍ତୁ ଯେ ସିଏ ସେତେ ଉଚ୍ଚରୁ ପଡ଼ିବାକୁ ଯାଉଛି। ତେଣୁ ତା'ର ଅଧଃପତନ ମଧ୍ୟ ସେତେ ଭୟଙ୍କର ହେବ। ମଣିଷ ଗୋଟିଏ-ଗୋଟିଏ ଜିନିଷ ତ୍ୟାଗ କରିବାକୁ, ସାଧନାରେ ଉପରକୁ ଉଠିବାକୁ ତ ତାକୁ ବହୁ ପରିଶ୍ରମ କରିବାକୁ ପଡ଼େ। କିନ୍ତୁ ଅହଂକାର ଯୋଗୁଁ ତା'ର ଦୀର୍ଘ ଦିନର ଉପଲବ୍ଧି, ଏତେ ଉପରକୁ ଉଠିଥିବା ସ୍ଥିତି ସବୁ ଅତିଶୀଘ୍ର ନଷ୍ଟ ହୋଇଯାଏ। ଅହଂକାର ଯେତେ ଯେତେ ବଢୁଥାଏ ସେ ସେତେ ତଳକୁ ଚାଲିଆସେ। ପୁନର୍ମୂଷିକ ଭବ ସ୍ଥିତି ହୋଇଯାଏ।

ମଣିଷ ଅନ୍ୟ ସବୁକୁ ତ୍ୟାଗ କରିପାରେ। କିନ୍ତୁ 'ମୁଁ ଏତେ ତ୍ୟାଗ କରିଛି' — ତ୍ୟାଗର ଏଇ ଅହଂକାରକୁ ପରିତ୍ୟାଗ କରିପାରେ ନାହିଁ। ଅନେକ ବ୍ୟକ୍ତି ଗୁପ୍ତଦାନ ଦେଇଥାନ୍ତି। ଅହଂକାରର ନିବୃତ୍ତି ପାଇଁ ଏ ବ୍ୟବସ୍ଥାର ପ୍ରଚଳନ। ତେବେ ସେ ସମସ୍ତଙ୍କ ଭିତରେ ତ ନୁହେଁ; କିନ୍ତୁ ସେ ମଧ୍ୟରୁ ଅନେକଙ୍କ ଭିତରେ ଏହାକୁ ନେଇ ମଧ୍ୟ ଅହଂକାର ତୀବ୍ର ଥାଏ। ଏକଥା କେମିତି ଜଣାପଡ଼େ ? ଆମକୁ ବହୁ ଲୋକ ବହୁ କାର୍ଯ୍ୟ ପାଇଁ ଦାନ ଦିଅନ୍ତି। ସେ ମଧ୍ୟରୁ କିଛି ଲୋକ ସେମାନଙ୍କ ନାମ ଘୋଷଣା ନ କରିବାକୁ, କେଉଁଠି ପ୍ରକାଶ ନ କରିବାକୁ, କେଉଁଠି ନ ଲେଖିବାକୁ, ସେମାନଙ୍କ ଫେଟୋଚିତ୍ର କେଉଁଠି ନ ଛାପିବାକୁ କହନ୍ତି। ସେମାନଙ୍କ ମଧ୍ୟ ଅନେକଙ୍କ ବିଷୟରେ ମୋତେ ସେତେବେଳେ ଆଶ୍ଚର୍ଯ୍ୟ ଲାଗେ ଯେତେବେଳେ ସେଇମାନଙ୍କ ଗୁପ୍ତଦାନ ବିଷୟରେ ବହୁ ସ୍ଥାନରେ ଲୋକେ ମୋତେ ପଚାରନ୍ତି। ମୁଁ ଭାବେ ଯେ ଏମାନଙ୍କ ଦାନ ବିଷୟରେ ମୁଁ ତ ବାହାରେ ଆଲୋଚନା କରିନି। ସିଏ ଦେଲେ ଓ ମୁଁ ନେଲି। ଅନ୍ୟ ଏତେ ଲୋକ ଜାଣିଲେ କେମିତି ? ସିଏ ତ କାହାକୁ ନ କହିବା ପାଇଁ ମୋତେ କହିଥିଲେ ଓ ମୁଁ ସେ କଥା ପାଳନ କରିଛି। ତେବେ ପ୍ରକାଶ କଲା କିଏ ? ଘଟଣା ବୁଝୁବୁଝୁ ଜଣାପଡ଼େ ଯେ ଗୁପ୍ତଦାନ ଦେଇଥିବା ସେଇ ବ୍ୟକ୍ତି ହିଁ ସମସ୍ତଙ୍କୁ କହିଥାନ୍ତି ଯେ 'ଅନ୍ୟମାନେ ତ ନିଜ ନାମରେ ଦାନ ଦେଇଛନ୍ତି, ଫୋଟୋ ଦେଇଛନ୍ତି ଛପାଇବାକୁ; କିନ୍ତୁ ମୁଁ ଗୁପ୍ତଦାନ ଦେଇଛି, ମୋ ନାମ ଲେଖିବାକୁ, ଛାପିବାକୁ, ପ୍ରକାଶ କରିବାକୁ ମନା କରିଛି' ଇତ୍ୟାଦି। ଏମିତି କାହିଁକି ହୁଏ ? କାରଣ ହେଲା- ତାଙ୍କ ମନ ଭିତରେ ଏ ଅହଂକାର କାର୍ଯ୍ୟ କରୁଥାଏ ଯେ 'ମୁଁ ଗୁପ୍ତଦାନ ଦେଇଥିବାରୁ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠ, ବେଶୀ ସମ୍ମାନର ହକ୍‌ଦାର।' ଏଇଟା ହେଲା ତ୍ୟାଗର ମିଥ୍ୟା ଅହଂକାର। ଏଇ କାମ ତ ଉଭୟ ହାତରେ ଲଡୁ ଧରିବା ଭଳି। ଏଣେ ଗୁପ୍ତଦାନ ଦେଇଛନ୍ତି ବୋଲି ଲୋକେ ଜାଣନ୍ତୁ ଏବଂ ସେପଟେ ଦାନ

ବାବଦର ପ୍ରଶଂସା ବି ମିଳୁ।

ଏସବୁ ମିଥ୍ୟା-ଅହଂକାରର ବିବିଧ ସ୍ୱରୂପ। ଏହାକୁ ଆମେ ନକାରାତ୍ମକ ଅହଂକାର ବି କହିପାରିବା। ଆଧ୍ୟାତ୍ମିକ ଯାତ୍ରୀର ପଥରେ ଏଇ ମିଥ୍ୟା-ଅହଂକାର ଏକ ଦୁର୍ଗମ, ଦୁରାରୋହ୍ୟ ପର୍ବତ ସମ ପ୍ରତିବନ୍ଧକ ହୋଇ ଠିଆ ହୋଇଥାଏ, ଯାହାକୁ ଲଙ୍ଘନ ନ କରି ଆଧ୍ୟାତ୍ମିକ ସଫଳତା ସମ୍ଭବ ନୁହେଁ।

ଏହା ଛଡ଼ା ଅନ୍ୟ ଏକ ଅହଂକାର ମଧ୍ୟ ଅଛି। ତାହା ହେଲା ଶୁଦ୍ଧ ବା ଯଥାର୍ଥ ଅହଂକାର। ସୁଖ-ଦୁଃଖ, ପାପ-ପୁଣ୍ୟ, ଧର୍ମ-ଅଧର୍ମ, ଆପ୍ତବଚନ, ଶାସ୍ତ୍ରୋପଦେଶ, ବିଧିବିଧାନ ଆଦିକୁ ଧ୍ୟାନରେ ରଖି ଯେଉଁ ଭାବନାର ଆଶ୍ରୟରେ ବିହିତ କର୍ମର ଆଚରଣ ଓ ନିଷିଦ୍ଧ କର୍ମର ପ୍ରତିଷେଧ କରାଯାଇଥାଏ ସେହି ଭାବନାକୁ ଶୁଦ୍ଧ-ଅହଂକାର, ସାତ୍ତ୍ୱିକ ଅହଂକାର ବା ଯଥାର୍ଥ ଅହଂକାର କୁହାଯାଏ। ଏହାକୁ ସକାରାତ୍ମକ ଅହଂକାର ବି କୁହାଯାଇପାରିବ। ମନରେ ସତ୍ତ୍ୱଗୁଣର ଉଦୟ-ପ୍ରାବଲ୍ୟ, ବିବେକ ଆଧାରରେ ଏ ଭାବନା ଆସିଥାଏ। ଏହା ଦ୍ୱାରା ଆଦର୍ଶ, ମର୍ଯ୍ୟାଦା, ସଂସ୍କୃତି, ସଭ୍ୟତା, ନ୍ୟାୟ, ବ୍ୟବସ୍ଥା, ସତ୍ୟ, ଧର୍ମ ଆଦିର ରକ୍ଷା, ସ୍ଥାପନା ତଥା ଏସବୁର ବିରୋଧୀ କାରଣଗୁଡ଼ିକର ନିବାରଣ କରାଯାଇଥାଏ। ପରିବାର, ସମାଜ, ରାଷ୍ଟ୍ର ତଥା ସାର୍ବଭୌମ ସୁରକ୍ଷାରେ ଏହି ଗୁଣକୁ ସର୍ବଶ୍ରେଷ୍ଠ କାରଣ ବୋଲି ବିବେଚନା କରାଯାଇଥାଏ। ଅସ୍ମିତା, ସ୍ୱାଭିମାନ, ଗୌରବ ଏହାର ପର୍ଯ୍ୟାୟବାଚୀ ତଥା ଆତ୍ମୀୟତା, ଆତ୍ମବଳ, ମନ୍ୟୁ ଆଦି ଏହାର ସମ୍ବନ୍ଧୀ ବୋଲି କୁହାଯାଏ। ଆପ୍ତବଚନ, ବେଦାଦି ଶାସ୍ତ୍ରର ଆଦେଶ, ନିର୍ଦ୍ଦେଶ, ଉପଦେଶ, ସନ୍ଦେଶରେ ଯେଉଁଠି ଅହଂକାରର ରକ୍ଷା, ବୃଦ୍ଧି ଆଦି ବିଷୟରେ କୁହାଯାଇଛି ସେଇଠି ଏହି ଶୁଦ୍ଧ-ଅହଂକାର, ସାତ୍ତ୍ୱିକ ଅହଂକାର ବିଷୟରେ ହିଁ କୁହାଯାଇଛି।

ଶୁଦ୍ଧ-ଅହଂକାର ପରିବାର, ସମାଜ, ରାଷ୍ଟ୍ର ତଥା ସମସ୍ତ ଲୌକିକ ସଦ୍-ବ୍ୟହାରର ଆଧାର। ଏହା ବ୍ୟତିରେକ କୌଣସି ବ୍ୟକ୍ତି ନିଜର ବର୍ତ୍ତମାନର ସ୍ତରରେ ଦୃଢ଼ ହୋଇପାରିନଥାଏ କି ଉନ୍ନତି ସାଧନ କରିପାରିନଥାଏ; ବରଂ ଅଧଃପତନକୁ ପ୍ରାପ୍ତ କରିଥାଏ।

ସାତ୍ତ୍ୱିକ ଅହଂକାରରେ ସାଧନସମ୍ପନ୍ନ ବ୍ୟକ୍ତି ବିଚାର କରେ ଯେ ଭଗବାନଙ୍କ ଦୟାରୁ ଆଜି ମୋ ପାଖରେ ସମ୍ପନ୍ନତା ଅଛି। ଏସବୁ ମୁଁ ଏକୁଟିଆ ଭୋଗ କରିବି ନାହିଁ। ମୋ ଦେଶ-ସମାଜର ବହୁ ପିଲା ଖାଇବା-ପିନ୍ଧିବା, ଶିକ୍ଷା-ସ୍ୱାସ୍ଥ୍ୟର ସୁବିଧା ପାଉନାହାନ୍ତି। ଏମାନଙ୍କୁ ଯଥାଶକ୍ତି ସହାୟତା କରିବା ମୋର କର୍ତ୍ତବ୍ୟ, ଦାୟିତ୍ୱ। ରାଜସିକ ଅହଂକାରରେ ବ୍ୟକ୍ତି ଭାବେ ଅନାଥ-ନିର୍ଦ୍ଧନ ପିଲାଙ୍କୁ ଦେଲେ ମୋତେ କ'ଣ ମିଳିବ ? ସେମାନେ ମୋତେ ଜାଣିଛନ୍ତି ନା ଚିହ୍ନିଛନ୍ତି ନା ନିୟମିତ ମୋ ସମାଜରେ ଦେଖା ଦେଉଛନ୍ତି ? ମୋ ସମ୍ପତ୍ତିକୁ ଉତ୍ସବାଦିରେ ଖାଇବା-ପିଇବା-ପିନ୍ଧିବା ଆଦିରେ ପ୍ରଦର୍ଶନ କଲେ ମୋତେ ସମାଜରୁ ସବୁବେଳେ ସମ୍ମାନ-ପ୍ରଶଂସା ମିଳିବ, ଲୋକେ ମନେପକାଉଥିବେ। ଜଣେ ଖେଳାଳିର ସାତ୍ତ୍ୱିକ ଅହଂକାର ହେଲା ଯେ ମୁଁ ମୋ ରାଜ୍ୟ-ଦେଶ ଆଦି ତରଫରୁ ଖେଳିବାକୁ ଆସିଛି, ମୋ ରାଜ୍ୟ-ଦେଶକୁ ପ୍ରତିନିଧିତ୍ୱ କରୁଛି। ମୋ ସଫଳତା ଉପରେ ମୋ ରାଜ୍ୟ-ଦେଶର ସମ୍ମାନ, ମର୍ଯ୍ୟାଦା, ଗୌରବ ନିର୍ଭର କରୁଛି। ତେଣୁ ପୂର୍ଣ୍ଣ ଶକ୍ତି ଲଗାଇ ଖେଳିବି। ସେହିଭଳି କୁଳ-ବଂଶ ଆଦିକୁ ନେଇ ସାତ୍ତ୍ୱିକ ଅହଂକାର ହେଲା ଯେ - ମୁଁ ଏଭଳି ଉଚ୍ଚ କୁଳ-ବଂଶରେ ଜନ୍ମିତ। ମୋର ପୂର୍ବପୁରୁଷ ସ୍ୱ ଉତ୍ତମ କର୍ମ ଦ୍ୱାରା ଏହି କୁଳ-ବଂଶକୁ ପ୍ରତିଷ୍ଠିତ କରିଯାଇଛନ୍ତି। ମୁଁ ଏଭଳି କୌଣସି କାର୍ଯ୍ୟ କରିବି ନାହିଁ ଯଦ୍ୱାରା କି ମୋର ବଂଶ-କୁଳରେ କଳଙ୍କ ଲାଗିବ। ସେହିଭଳି ବୃତ୍ତି କ୍ଷେତ୍ରରେ ବି ସାତ୍ତ୍ୱିକ ଅହଂକାର ହେଲା କି ମୁଁ ଜଣେ ଦାୟିତ୍ୱବାନ୍, ଯୋଗ୍ୟତାସମ୍ପନ୍ନ ଇଞ୍ଜିନିୟର, ଚିକିତ୍ସକ, ପ୍ରଶାସକ, ଅଧ୍ୟାପକ, ନ୍ୟାୟାଧୀଶ, ଅଧିବକ୍ତା, ଅଧିକାରୀ, କର୍ମଚାରୀ ଆଦି। ମୁଁ ମୋ ଯୋଗ୍ୟତାକୁ ତଳେ ପଡ଼ିବାକୁ, ମୋ ଦକ୍ଷତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି ହେବାକୁ, ନିଷ୍ଠା ଉପରେ ସନ୍ଦେହ ସୃଷ୍ଟି ହେବାକୁ ଦେବି ନାହିଁ। ମୁଁ ଜଣେ ସୈନିକ। ଏତେ ବଡ଼ ଦେଶର ରକ୍ଷାର ଭାର ମୋ ଉପରେ। ମୋ ଭରସାରେ ମୋ ଦେଶବାସୀ ଆଶ୍ୱସ୍ତ ଅଛନ୍ତି। ମୋ ପ୍ରାଣକୁ ବାଜି ଲଗାଇ ମୁଁ ମୋ କର୍ତ୍ତବ୍ୟ ପାଳନ କରିବି। ସାଧକର ସାତ୍ତ୍ୱିକ ଅହଂକାର ହେଲା ଯେ - ମୁଁ ଜଣେ ସାଧକ। ମୁଁ ଚେତନ। ମୋର ମନ, ବୁଦ୍ଧି, ଇନ୍ଦ୍ରିୟ ଆଦି ଜଡ଼। ମୁଁ ଇନ୍ଦ୍ର, ଏସବୁର ସ୍ୱାମୀ।

ମୁଁ ମନ-ଇନ୍ଦ୍ରିୟ ଆଦିର ଦାସ ହେବି ନାହିଁ। ମୋର ଖରାପ ସଂସ୍କାର-ବାସନା ମୋତେ ପରାଭୂତ କରିପାରିବେ ନାହିଁ। ଈଶ୍ୱର ମୋ ସାଥିରେ ଅଛନ୍ତି। ମୁଁ ସମସ୍ତ ବାଧା-ବିଘ୍ନକୁ ପ୍ରତିହତ କରି ସାଧନାରେ ସଫଳ ହେବି। ଏଭଳି ପ୍ରତିଟି କ୍ଷେତ୍ରରେ ଶୁଦ୍ଧ, ସାତ୍ତ୍ୱିକ, ସକାରାତ୍ମକ ଅହଂକାର, ସ୍ୱାଭିମାନ ବ୍ୟକ୍ତିକୁ ଦାୟିତ୍ୱବାନ୍, କର୍ତ୍ତବ୍ୟନିଷ୍ଠ, ଦୃଢପ୍ରତିଜ୍ଞ ଓ କର୍ମପ୍ରବଣ କରେ।

ଶୁଦ୍ଧ-ଅହଂକାର ତ ଜ୍ଞାନ, ବଳ, ସାମର୍ଥ୍ୟ, ଧର୍ମ ଆଦିର ଆଧାରରେ ହୋଇଥାଏ ତଥା ପରିଣାମତଃ ନିଜ ଓ ଅନ୍ୟ ପାଇଁ ସୁଖଦାୟକ ହୋଇଥାଏ। ପକ୍ଷାନ୍ତରରେ ମିଥ୍ୟା-ଅହଂକାର ଅଜ୍ଞାନ ଆଦି କାରଣରୁ ଉତ୍ପନ୍ନ ହୋଇଥାଏ ତଥା ପରିଣାମସ୍ୱରୂପ ନିଜ ତଥା ଅନ୍ୟ ପାଇଁ ଦୁଃଖଦାୟୀ ସିଦ୍ଧ ହୋଇଥାଏ।

ଶୁଦ୍ଧ ବା ସାତ୍ତ୍ୱିକ ଅହଂକାରରେ ବ୍ୟକ୍ତି ନିଜ ଯୋଗ୍ୟତା ବୃଦ୍ଧି ପାଇଁ ପ୍ରୟାସ କରେ, ନିଜ ଯୋଗ୍ୟତା ବୃଦ୍ଧିରେ ପ୍ରସନ୍ନ ହୁଏ। ରାଜସିକ ଅହଂକାର ବା ମିଥ୍ୟା ଅହଂକାରରେ ବ୍ୟକ୍ତି ଅନ୍ୟର କ'ଣ ଯୋଗ୍ୟତା ନାହିଁ ଅଥବା ଅନ୍ୟ କେଉଁ କ୍ଷେତ୍ରରେ ଅନ୍ୟର ଯୋଗ୍ୟତା ନିଜଠୁ କମ୍ ଅଛି ତାହା ଦେଖି ତା' ସହ ତୁଳନା କରି ଗର୍ବ କରେ।

ଅତଃ ଐହିକ ଜୀବନ ହେଉ କି ପାରମାର୍ଥିକ ଜୀବନ ହେଉ ପ୍ରତ୍ୟେକ କ୍ଷେତ୍ରରେ ଅହଂକାର ଆବଶ୍ୟକ। ଦ୍ରବ୍ୟ ରୂପକ ଅହଂକାର ବି ଆବଶ୍ୟକ ଏବଂ ଗୁଣ, ଜ୍ଞାନ ବା ଭାବନା ରୂପକ ଅହଂକାର ବି ଆବଶ୍ୟକ। ଗୁଣ ଦୃଷ୍ଟିରୁ ସାଧନା ଜୀବନରେ ମିଥ୍ୟାହଂକାର ବର୍ଜନୀୟ, କିନ୍ତୁ ଶୁଦ୍ଧ ଅହଂକାର ବର୍ଦ୍ଧନୀୟ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**
**ଗାୟତ୍ରୀ ପାଣିଗ୍ରାହୀ**

❖❖❖

**୨୯ ପୃଷ୍ଠାର ଅବଶିଷ୍ଟାଂଶ...**

ଭିତରେ ଉଷ୍ଣତା ରହିଛି, ସେଥିରେ ଗରମ ହୋଇ ତପ୍ତକୁଣ୍ଡର ଜଳ ଗରମ ରହୁଛି। ତା' ପାଖର ଅନ୍ୟ କୁଣ୍ଡକୁ ଉପରର ଜଳ ଅଥବା ଯେଉଁଠି ଉଷ୍ଣତା ନାହିଁ, ସେଠାରୁ ଜଳ ଆସୁଥିବାରୁ ତାହା ଶୀତଳ ରହୁଛି। କେଦାରନାଥ ଅତି ଉତ୍ତମ ସ୍ଥାନ। କିନ୍ତୁ ସେଠାରେ ମଧ୍ୟ ଖଣ୍ଡେ ଜମିଯାଇଥିବା ପଥର ଉପରେ ପୋପ୍ ବା ପୋପ୍‌ଙ୍କ ଚେଲାମାନେ ମନ୍ଦିର ତିଆରି କରିଦେଇଛନ୍ତି। ସେଠାରେ ମହନ୍ତ-ପୂଜାରୀ-ପଣ୍ଡା **'ଅନ୍ଧଭକ୍ତ'**ଙ୍କଠାରୁ ମାଲ୍ ଆଦାୟ କରି ମଉଜ କରନ୍ତି। ସେହିପରି **'ବଦ୍ରିନାରାୟଣ'**ରେ ମଧ୍ୟ ଠକଙ୍କ ପ୍ରାଦୁର୍ଭାବ ବହୁତ। 'ରାଓ୍ୱଲଜୀ' ସେଠାକାର ମୁଖ୍ୟ। ଗୋଟିଏ ସ୍ତ୍ରୀ ପରିତ୍ୟାଗ କରି ଅନେକ ରକ୍ଷିତା ରଖି ଆଖଡ଼ା ଚଳାଇଛନ୍ତି। ପଶୁପତି ଏକ ମନ୍ଦିର ଏବଂ ପଞ୍ଚମୁଖୀ ମୂର୍ତ୍ତିର ନାମ ରଖି ଦେଇଛନ୍ତି। **ଯେତେବେଳେ ଧର୍ମ ନାମରେ ହେଉଥିବା କାର୍ଯ୍ୟ ଉପରେ କେହି କୌଣସି ପ୍ରଶ୍ନ କରନ୍ତି ନାହିଁ, ଶାସକ ଧ୍ୟାନ ଦିଅନ୍ତି ନାହିଁ ସେତେବେଳେ ପୋପ୍‌ଲୀଳା ବଳବତୀ ହୋଇଥାଏ।** କିନ୍ତୁ ତୀର୍ଥସ୍ଥଳର ପଣ୍ଡା-ପୂଜାରୀ ଆଦି ଲୋକେ ଯେପରି ଧୂର୍ତ୍ତ ଓ ଧନ ଲୁଣ୍ଠନକାରୀ ହୋଇଥାନ୍ତି, ପାହାଡ଼ୀ ଅଧିବାସୀମାନେ ସେପରି ହୋଇନଥାନ୍ତି। ତା'ଛଡ଼ା ଏସବୁ ଭୂମି ମଧ୍ୟ ଅତ୍ୟନ୍ତ ରମଣୀୟ ଓ ପ୍ରଦୂଷଣରହିତ।

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

**କ୍ରମଶଃ...**

# ଯଜ୍ଞବିଧି

ପୂର୍ବାନୁକ୍ରମିକ ...

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

## ଜଲପ୍ରୋକ୍ଷଣମ୍

ନିମ୍ନ ମନ୍ତ୍ର ପାଠ କରି ଅଞ୍ଜଳି ଅଥବା ପାତ୍ର ସାହାଯ୍ୟରେ ଯଜ୍ଞକୁଣ୍ଡର ଚତୁଃପାର୍ଶ୍ୱରେ ନିମ୍ନମତେ ଜଳପ୍ରୋକ୍ଷଣ କରିବେ ।

**ଓ୩ମ୍ ଅଦିତେଽନୁମନ୍ୟସ୍ୱ ॥ ୧ ॥** ( ଏହା ଦ୍ୱାରା ପୂର୍ବ ଦିଗରେ ।)

**ଓ୩ମ୍ ଅନୁମତେଽନୁମନ୍ୟସ୍ୱ ॥ ୨ ॥** (ଏହା ଦ୍ୱାରା ପଶ୍ଚିମ ଦିଗରେ ।)

**ଓ୩ମ୍ ସରସ୍ୱତ୍ୟନୁମନ୍ୟସ୍ୱ ॥ ୩ ॥** (ଏହା ଦ୍ୱାରା ଉତ୍ତର ଦିଗରେ ।)

(ଗୋଭିଲ ଗୃହ୍ୟ. ୧:୩:୧-୩)

**ଓ୩ମ୍ ଦେବ ସବିତଃ ପ୍ର ସୁବ ଯଜ୍ଞଂ ପ୍ର ସୁବ ଯଜ୍ଞପତିଂ ଭଗାୟ । ଦିବ୍ୟୋ ଗନ୍ଧର୍ବଃ କେତପୂଃ କେତଂ ନଃ ପୁନାତୁ ବାଚସ୍ପତିର୍ବାଚଂ ନଃ ସ୍ୱଦତୁ ॥ ୧ ॥** (ଯଜୁଃ. ୩୦:୧)

(ଏହାଦ୍ୱାରା ଚତୁର୍ଦ୍ଦିଗରେ ।)

**ପଦାର୍ଥ — (ଅଦିତେ)** ହେ ଅଖଣ୍ଡ ପରମେଶ୍ୱର ! **(ଅନୁମନ୍ୟସ୍ୱ)** ଆମକୁ ଯଜ୍ଞକର୍ମର ଅନୁକୂଳ ମତି ଦିଅନ୍ତୁ, ଆମର ଏହି ଯଜ୍ଞକର୍ମକୁ ଅନୁମୋଦନ କରନ୍ତୁ ॥ ୧ ॥

**ଭାବାର୍ଥ —** ହେ ଅଖଣ୍ଡ, ଏକରସ ପରମେଶ୍ୱର ! ଆମକୁ ଯଜ୍ଞକର୍ମର, ଶ୍ରେଷ୍ଠକର୍ମର ଅନୁକୂଳ ବୁଦ୍ଧି ଦିଅନ୍ତୁ । ମୋର ଏହି ଯଜ୍ଞାନୁଷ୍ଠାନ ଅବାଧ, ଅଖଣ୍ଡିତ ରୂପେ ସମ୍ପନ୍ନ ହେଉ । ମୁଁ ଯଜ୍ଞୀୟ ପବିତ୍ର ଭାବନାର ପ୍ରଚାର-ପ୍ରସାର, ଶୁଭକର୍ମର ଅନୁଷ୍ଠାନ ଯେପରି ନିର୍ବାଧ ରୂପେ କରିବାରେ ସଫଳ-ସମର୍ଥ ହୁଏ, ମୋ ଉପରେ ସେପରି ଅନୁଗ୍ରହ କରନ୍ତୁ ॥ ୧ ॥

**ପଦାର୍ଥ —** ହେ **(ଅନୁମତେ)** ଜୀବମାନଙ୍କୁ ଯଜ୍ଞିୟ କର୍ମ, ଶୁଭ କର୍ମ ନିମନ୍ତେ ଅନୁକୂଳ ମତିଦାତା ପରମାତ୍ମନ୍ ! **(ଅନୁମନ୍ୟସ୍ୱ)** ଆମକୁ ଯଜ୍ଞକର୍ମର ଅନୁକୂଳ ମତି ଦିଅନ୍ତୁ, ଆମର ଏହି ଯଜ୍ଞକର୍ମକୁ ଅନୁମୋଦନ କରନ୍ତୁ । ଆପଣଙ୍କ କୃପାରେ ଆମର ଏହି ଯଜ୍ଞ କର୍ମ ସମ୍ପନ୍ନ ହେଉ ॥ ୨ ॥

**ପଦାର୍ଥ — (ସରସ୍ୱତି)** ହେ ଜ୍ଞାନସ୍ୱରୂପ ଓ ଜ୍ଞାନଦାତା ଜଗଦୀଶ୍ୱର ! **(ଅନୁମନ୍ୟସ୍ୱ)** ଆମକୁ ଯଜ୍ଞକର୍ମର ଅନୁକୂଳ ମତି ଦିଅନ୍ତୁ, ଆମର ଏହି ଯଜ୍ଞକର୍ମକୁ ଅନୁମୋଦନ କରନ୍ତୁ । ଆପଣଙ୍କ ଦ୍ୱାରା ପ୍ରଦତ୍ତ ଉତ୍ତମ ବୁଦ୍ଧି ଦ୍ୱାରା ମୋର ଏହି ଯଜ୍ଞାନୁଷ୍ଠାନ ସମ୍ୟକ୍ ରୂପେ ସମ୍ପନ୍ନ ହେଉ ॥ ୩ ॥

**ପଦାର୍ଥ —** ହେ **(ଦେବ)** ଦିବ୍ୟ ଗୁଣ-ଶକ୍ତି ସମ୍ପନ୍ନ, **(ସବିତଃ)** ସକଳ ଜଗଦୁତ୍ପାଦକ ପରମେଶ୍ୱର ! **(ଯଜ୍ଞମ୍)**

ଯଜ୍ଞକୁ **(ପ୍ରସୁବ)** ବୃଦ୍ଧି, ସମୃଦ୍ଧ କରନ୍ତୁ; **(ଭଗାୟ)** ଐଶ୍ୱର୍ଯ୍ୟାଦି ପ୍ରାପ୍ତି ନିମିତ୍ତ **(ଯଜ୍ଞପତିମ୍)** ଯଜ୍ଞର ରକ୍ଷକ ଯଜମାନକୁ **(ପ୍ରସୁବ)** ପ୍ରେରିତ କରନ୍ତୁ, ବୃଦ୍ଧି କରନ୍ତୁ । ଆପଣ **(ଦିବ୍ୟଃ)** ବିଲକ୍ଷଣ ଜ୍ଞାନର ପ୍ରକାଶକ, **(ଗନ୍ଧର୍ବଃ)** ପବିତ୍ର ବେଦବାଣୀର ଧାରକ, ପବିତ୍ର ଜ୍ଞାନର ମୂଳାଧାର, **(କେତପୂଃ)** ଜ୍ଞାନ-ବିଜ୍ଞାନ ପ୍ରଦାନ ପୂର୍ବକ ବୁଦ୍ଧି-ମନର ପବିତ୍ରକର୍ତ୍ତା ଅଟନ୍ତି । ହେ ପ୍ରଭୋ ! **(ନଃ)** ଆମର **(କେତମ୍)** ବୁଦ୍ଧି-ମନକୁ, ଜ୍ଞାନକୁ **(ପୁନାତୁ)** ପବିତ୍ର କରନ୍ତୁ । ଆପଣ **(ବାଚସ୍ପତିଃ)** ବାଣୀର ଅଧିପତି ଅଟନ୍ତି । **(ନଃ)** ଆମ **(ବାଚମ୍)** ବାଣୀକୁ **(ସ୍ୱଦତୁ)** ସ୍ୱାଦିଷ୍ଟ କରନ୍ତୁ ॥ ୪ ॥

**ଭାବାର୍ଥ —** ହେ ଦିବ୍ୟଗୁଣଶକ୍ତିସମ୍ପନ୍ନ, ସକଳ ଜଗତର ଉତ୍ପାଦକ ପରମେଶ୍ୱର ! ମୋର ଏହି ଯଜ୍ଞକୁ, ଶୁଭକର୍ମକୁ ବୃଦ୍ଧି କରନ୍ତୁ, ସମୃଦ୍ଧ କରନ୍ତୁ, ଏହା ଉତ୍ତମ ରୂପେ ସମ୍ପନ୍ନ ହେବାରେ ସହାୟତା ଦିଅନ୍ତୁ । ଆନନ୍ଦ, ଐଶ୍ୱର୍ଯ୍ୟ ଆଦି ପ୍ରାପ୍ତି ନିମିତ୍ତ ଯଜ୍ଞର ରକ୍ଷକ ଯଜମାନକୁ ଯଜ୍ଞ କର୍ମର ଅଭିବୃଦ୍ଧି ନିମନ୍ତେ ଅଧିକରୁ ଅଧିକ ପ୍ରେରିତ କରନ୍ତୁ, ସମୃଦ୍ଧ କରନ୍ତୁ । ଆପଣ ବିଲକ୍ଷଣ ଜ୍ଞାନର ପ୍ରକାଶକ; ପବିତ୍ର ବେଦବାଣୀର ଧାରକ, ପବିତ୍ର ଜ୍ଞାନର ମୂଳାଧାର; ଜ୍ଞାନ-ବିଜ୍ଞାନ ପ୍ରଦାନ ପୂର୍ବକ ବୁଦ୍ଧି-ମନର ପବିତ୍ରକର୍ତ୍ତା ଅଟନ୍ତି । ହେ ପ୍ରଭୋ ! ଆମ ଜ୍ଞାନକୁ, ବୁଦ୍ଧି-ମନକୁ ପବିତ୍ର କରନ୍ତୁ, ସୁସଂସ୍କୃତ କରନ୍ତୁ । ଆପଣ ବେଦବାଣୀର ଅଧିପତି ଅଟନ୍ତି । ଆମ ବାଣୀକୁ ସ୍ୱାଦିଷ୍ଟ ଅର୍ଥାତ୍ କୋମଳ, ମଧୁର, ହିତକାରୀ କରନ୍ତୁ ॥ ୪ ॥

ହେ ପ୍ରଭୋ ! ଆମର ଯଜ୍ଞକର୍ମ, ଶୁଭକର୍ମ ସର୍ବସ୍ୱୀକୃତ ହେଉ, ସର୍ବସମ୍ମତିରେ ସ୍ୱୀକୃତ ହେଉ, ସର୍ବସାଧାରଣ ଏହାର ଅନୁମୋଦନ କରନ୍ତୁ ତଥା ବିଦ୍ୱଜ୍ଜନଙ୍କ ଦ୍ୱାରା ମଧ୍ୟ ଏହା ସ୍ୱୀକୃତ ହେଉ - ମୁଁ ସେଥିପାଇଁ ଉଚିତ ପ୍ରଯତ୍ନ-ପୁରୁଷାର୍ଥ ଆଦି କରେ । ଶୁଭକର୍ମର ଅନୁଷ୍ଠାନ ପାଇଁ ମୋର 'ସଂକଳ୍ପ' ଅଗ୍ନି ଭଳି ପ୍ରଖର, ତେଜସ୍ୱୀ ହେଉ ଏବଂ ଯଜ୍ଞାଗ୍ନି ଜଳ ଦ୍ୱାରା ପରିବେଷ୍ଟିତ ହେବା ଭଳି ମୋର ସଂକଳ୍ପ-ଅଗ୍ନି ଶାନ୍ତି ଦ୍ୱାରା ମର୍ଯ୍ୟାଦିତ, ପରିବେଷ୍ଟିତ ହେଉ । ଉତ୍ତମ କର୍ମର ଅନୁଷ୍ଠାନ ପାଇଁ ଅତି-ଉତ୍ସାହିତ, ଅତ୍ୟଧିକ ବ୍ୟଗ୍ର ହୋଇ ମୁଁ ଯେପରି ମୋ ମର୍ଯ୍ୟାଦାର ସୀମା ଉଲ୍ଲଙ୍ଘନ ନ କରେ; ଶାନ୍ତ ଚିତ୍ତରେ ମୋ ଧ୍ୟେୟ ପଥରେ ମୁଁ ନିରବଚ୍ଛିନ୍ନ ଭାବରେ ଅଗ୍ରସର ହୋଇଚାଲେ ।

## ଆଘାରାବାଜ୍ୟଭାଗାହୁତୟଃ

ନିମ୍ନ ମନ୍ତ୍ରଦ୍ୱୟ ପାଠ କରି କ୍ରମଶଃ କୁଣ୍ଡର ଉତ୍ତରଭାଗ ଓ ଦକ୍ଷିଣଭାଗ ଅଗ୍ନିରେ ଘୃତାହୁତି ଦେବେ ।

**ଓ୩ମ୍ ଅଗ୍ନୟେ ସ୍ୱାହା ॥ ଇଦମଗ୍ନୟେ - ଇଦନ୍ନ ମମ ॥**

( ଏହି ମନ୍ତ୍ର ଦ୍ୱାରା ଯଜ୍ଞକୁଣ୍ଡସ୍ଥ ଉତ୍ତରଭାଗ ଅଗ୍ନିରେ ।)

**ଓ୩ମ୍ ସୋମାୟ ସ୍ୱାହା ॥ ଇଦଂ ସୋମାୟ - ଇଦନ୍ନ ମମ ॥**

(ଏହି ମନ୍ତ୍ର ଦ୍ୱାରା ଯଜ୍ଞକୁଣ୍ଡସ୍ଥ ଦକ୍ଷିଣଭାଗ ଅଗ୍ନିରେ ।)

ନିମ୍ନ ମନ୍ତ୍ରଦ୍ୱୟ ପାଠ କରି କୁଣ୍ଡସ୍ଥ ମଧ୍ୟଭାଗ ଅଗ୍ନିରେ ଦୁଇଟି ଘୃତାହୁତି ଦେବେ ।

**ଓ୩ମ୍ ପ୍ରଜାପତୟେ ସ୍ୱାହା ॥ ଇଦଂ ପ୍ରଜାପତୟେ - ଇଦନ୍ନ ମମ ॥**
**ଓ୩ମ୍ ଇନ୍ଦ୍ରାୟ ସ୍ୱାହା ॥ ଇଦମିନ୍ଦ୍ରାୟ - ଇଦନ୍ନ ମମ ॥**

**ପଦାର୍ଥ — (ଅଗ୍ନୟେ)** ପ୍ରକାଶସ୍ୱରୂପ, ଦୋଷନାଶକ, ଦୁଃଖଦାହକ ପରମେଶ୍ୱରଙ୍କ ପ୍ରାପ୍ତି ନିମନ୍ତେ, ସଂସାରର ଉନ୍ନତି ଉଦ୍ଦେଶ୍ୟରେ **(ସ୍ୱାହା)** ତ୍ୟାଗ ଭାବନାରେ ଏ ସୁନ୍ଦର ଆହୁତି ସମର୍ପିତ । **(ଇଦମ୍)** ଏହା **(ଅଗ୍ନୟେ)** ପରମେଶ୍ୱରଙ୍କ

ବ୍ୟବସ୍ଥା ମାଧ୍ୟମରେ ସଂସାରର ଉନ୍ନତି ଉଦ୍ଦେଶ୍ୟରେ, **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ॥ ୧ ॥

**(ସୋମାୟ)** ଶାନ୍ତି-ସୁଖ-ସ୍ୱରୂପ, ବିବିଧ ଓଷଧି-ବନସ୍ପତି ଉତ୍ପନ୍ନ ଓ ପରିପୁଷ୍ଟ କରି ସେସବୁ ଦ୍ୱାରା ପ୍ରାଣୀମାନଙ୍କୁ ରସ-ମାଧୁର୍ଯ୍ୟ-ଆହ୍ଲାଦ-ଶାନ୍ତି ପ୍ରଦାୟକ, ଶାନ୍ତି ଆଦି ଗୁଣ ଦ୍ୱାରା ସଜ୍ଜନଙ୍କୁ ସୁଖଦାୟକ ପରମାତ୍ମାଙ୍କ ପ୍ରାପ୍ତି ନିମିତ୍ତ, ସଂସାରର ସୁଖ-ଶାନ୍ତି ଉଦ୍ଦେଶ୍ୟରେ **(ସ୍ୱାହା)** ତ୍ୟାଗ ଭାବନାରେ ଏ ସୁନ୍ଦର ଆହୁତି ସମର୍ପିତ । **(ଇଦମ୍)** ଏହା **(ସୋମାୟ)** ସଂସାରରେ ଓଷଧି-ବନସ୍ପତି ଆଦିର ସମୃଦ୍ଧି ଦ୍ୱାରା ସୁଖ-ଶାନ୍ତି ନିମିତ୍ତ ସୋମସ୍ୱରୂପ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ॥ ୨ ॥

**(ପ୍ରଜାପତୟେ)** ସମସ୍ତ ଜଗତର ପ୍ରଜାଙ୍କ ପାଳକ, ସ୍ୱାମୀ, ରକ୍ଷକ ପରମାତ୍ମାଙ୍କ ପାଇଁ **(ସ୍ୱାହା)** ଏ ସୁନ୍ଦର ଆହୁତି ସମର୍ପିତ । **(ଇଦମ୍)** ଏହା **(ପ୍ରଜାପତୟେ)** ସକଳ ପ୍ରଜାଙ୍କ ପାଳନ, ରକ୍ଷା, କଲ୍ୟାଣ ନିମିତ୍ତ ପ୍ରଜାପତି ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ॥ ୩ ॥

**(ଇନ୍ଦ୍ରାୟ)** ପରମୈଶ୍ୱର୍ଯ୍ୟବାନ୍ ଓ ଐଶ୍ୱର୍ଯ୍ୟଦାତା ପରମାତ୍ମାଙ୍କ ପାଇଁ **(ସ୍ୱାହା)** ଏ ସୁନ୍ଦର ଆହୁତି ସମର୍ପିତ । **(ଇଦମ୍)** ଏହା **(ଇନ୍ଦ୍ରାୟ)** ସଂସାରର ଐଶ୍ୱର୍ଯ୍ୟ ବୃଦ୍ଧି ନିମିତ୍ତ ପରମୈଶ୍ୱର୍ଯ୍ୟବାନ୍ ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ, **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ।

## ବ୍ୟାହୃତ୍ୟାହୁତୟଃ

ନିମ୍ନ ମନ୍ତ୍ର ପାଠ କରି ପ୍ରତ୍ୟେକ ମନ୍ତ୍ରରେ ଗୋଟିଏ ଲେଖାଏଁ କରି ଚାରୋଟି ଘୃତାହୁତି ଦେବେ ।

**ଓଂମ୍ ଭୂରଗ୍ନୟେ ସ୍ୱାହା ॥ ଇଦମଗ୍ନୟେ - ଇଦଂ ନ ମମ ॥ ୧ ॥**

**ଓଂମ୍ ଭୁବର୍ବାୟବେ ସ୍ୱାହା ॥ ଇଦଂ ବାୟବେ - ଇଦଂ ନ ମମ ॥ ୨ ॥**

**ଓଂମ୍ ସ୍ୱରାଦିତ୍ୟାୟ ସ୍ୱାହା ॥ ଇଦମାଦିତ୍ୟାୟ - ଇଦଂ ନ ମମ ॥ ୩ ॥**

**ଓଂମ୍ ଭୂର୍ଭୁବଃ ସ୍ୱରଗ୍ନିବାୟ୍ୱାଦିତ୍ୟେଭ୍ୟଃ ସ୍ୱାହା ॥ ଇଦମଗ୍ନି-ବାୟ୍ୱାଦିତ୍ୟେଭ୍ୟଃ - ଇଦଂ ନ ମମ ॥ ୪ ॥**

(ଗୋଭିଲ ଗୃହ୍ୟ. ୧:୮:୧୪)

**ପଦାର୍ଥ — (ଭୂଃ)** ହେ ପ୍ରାଣଦାତା ପ୍ରଭୋ ! **(ଅଗ୍ନୟେ)** ପୃଥିବୀ ସ୍ଥାନୀୟ ଅଗ୍ନି ନିମନ୍ତେ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏହି ଆହୁତି **(ଅଗ୍ନୟେ)** ଅଗ୍ନି ପାଇଁ ସମର୍ପିତ । **(ଇଦମ୍)** ଏହା **(ମମ)** ମୋର **(ନ) ନୁହେଁ ।**

**(ଭୁବଃ)** ହେ ଦୁଃଖବିନାଶକ ଈଶ୍ୱର ! **(ବାୟବେ)** ଅନ୍ତରିକ୍ଷସ୍ଥ ବାୟୁ ନିମନ୍ତେ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏ ଆହୁତି **(ବାୟବେ)** ବାୟୁର ଶୁଦ୍ଧି ଓ ଉତ୍କର୍ଷ ପାଇଁ ସମର୍ପିତ । **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ।

**(ସ୍ୱଃ)** ହେ ସୁଖସ୍ୱରୂପ ଓ ସୁଖପ୍ରଦାତା ପରମେଶ୍ୱର ! **(ଆଦିତ୍ୟାୟ)** ଦ୍ୟୁସ୍ଥାନୀୟ ସୂର୍ଯ୍ୟ ପାଇଁ ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏ ଆହୁତି **(ଆଦିତ୍ୟାୟ)** ସୂର୍ଯ୍ୟ ପାଇଁ, ସୂର୍ଯ୍ୟକିରଣ ସହଯୋଗରେ ପ୍ରକୃତିର ସନ୍ତୁଳନ ଓ ଉତ୍କର୍ଷ ପାଇଁ । **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ।

**(ଭୂର୍ଭୁବଃ ସ୍ୱଃ)** ହେ ପ୍ରାଣପ୍ରଦାତା, ଦୁଃଖହର୍ତ୍ତା, ସୁଖଦାତା ଈଶ୍ୱର ! **(ଅଗ୍ନିବାୟ୍ୱାଦିତ୍ୟେଭ୍ୟଃ)** ଅଗ୍ନି, ବାୟୁ ଓ ଆଦିତ୍ୟଙ୍କ ପାଇଁ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏ ଆହୁତି **(ଅଗ୍ନିବାୟ୍ୱାଦିତ୍ୟେଭ୍ୟଃ)** ସଂସାରକୁ ସସ୍ଥ, ସୁଖୀ, ସମୃଦ୍ଧ ରଖିବା ପ୍ରକ୍ରିୟାରେ ଅଗ୍ନି, ବାୟୁ ଓ ଆଦିତ୍ୟଙ୍କ ସର୍ବୋତ୍କୃଷ୍ଟ ଉପଯୋଗ ପାଇଁ । **(ଇଦଂ ମମ ନ)** ଏହା ମୋର ନୁହେଁ ।

## ସ୍ୱିଷ୍ଟକୃଦାହୁତିଃ

ଘୃତ ଅଥବା ଘୃତଯୁକ୍ତ ଭାତ ବା ଖେଚୁଡ଼ି ଦ୍ୱାରା ନିମ୍ନ ମନ୍ତ୍ରରେ ଗୋଟିଏ ଆହୁତି ଦେବେ ।

**ଓମ୍ ଯଦସ୍ୟ କର୍ମଣୋଽତ୍ୟରୀରିଚଂ ଯଦ୍ୱା ନ୍ୟୂନମିହାକରମ୍ । ଅଗ୍ନିଷ୍ଟତ୍ସ୍ୱିଷ୍ଟକୃଦ୍‌ବିଦ୍ୟାତ୍ସର୍ବଂ ସ୍ୱିଷ୍ଟଂ ସୁହୁତଂ କରୋତୁ ମେ । ଅଗ୍ନୟେ ସ୍ୱିଷ୍ଟକୃତେ ସୁହୁତହୁତେ ସର୍ବପ୍ରାୟଶ୍ଚିତ୍ତାହୁତୀନାଂ କାମାନାଂ ସମର୍ଦ୍ଧୟିତ୍ରେ ସର୍ବାନ୍ନଃ କାମାନ୍ତ୍‌ସମର୍ଦ୍ଧୟ ସ୍ୱାହା ॥ ଇଦମଗ୍ନୟେ ସ୍ୱିଷ୍ଟକୃତେ - ଇଦଂ ନ ମମ ॥** (ଆଶ୍ୱ. ଗୃହ୍ୟ. ୧:୧୦:୨୨)

**ପଦାର୍ଥ — (ଅସ୍ୟ କର୍ମଣଃ)** ଏହି କର୍ମରେ, ଯଜ୍ଞକର୍ମର ଅନୁଷ୍ଠାନରେ **(ଯତ୍)** ଯାହା କିଛି **(ଅତି ଅରୀରିଚମ୍)** (ଅଜ୍ଞତାଦି ବଶତଃ) ଅଧିକ କରିଦେଇଛି, **(ବା)** ଅଥବା **(ଇହ)** ଏହି କର୍ମରେ, ଯଜ୍ଞରେ **(ଯତ୍)** ଯାହା କିଛି **(ନ୍ୟୂନମ୍)** କମ୍ **(ଅକରମ୍)** କରିଦେଇଛି **(ତତ୍)** ତାହାକୁ **(ସ୍ୱିଷ୍ଟକୃତ୍ = ସୁ+ଇଷ୍ଟ+କୃତ୍)** ଇଷ୍ଟ (ଶୁଭ ଇଚ୍ଛା)କୁ ଉତ୍ତମ ରୂପେ ସିଦ୍ଧ କରୁଥିବା **(ଅଗ୍ନିଃ)** ଦୋଷନିବାରକ, ସର୍ବଜ୍ଞ ପରମାତ୍ମା **(ବିଦ୍ୟାତ୍)** ଜାଣନ୍ତୁ । ପରମାତ୍ମା **(ମେ)** ମୋର **(ସର୍ବମ୍)** ସମ୍ପୂର୍ଣ୍ଣ **(ସ୍ୱିଷ୍ଟମ୍ = ସୁ+ଇଷ୍ଟମ୍)** ଶୁଭକର୍ମ, ଯଜ୍ଞକର୍ମକୁ **(ସୁହୁତମ୍)** ଯଥୋଚିତ ରୂପେ ଆହୁତି ପ୍ରଦତ୍ତ, ଯଜ୍ଞକୁ ସଫଳକାମ **(କରୋତୁ)** କରନ୍ତୁ । **(ଅଗ୍ନୟେ)** ସର୍ବଜ୍ଞ, **(ସ୍ୱିଷ୍ଟକୃତେ)** ଇଷ୍ଟ କର୍ମର ଉତ୍ତମ ସାଧକ, ଉତ୍ତମ ମନୋରଥ ପୂର୍ଣ୍ଣକାରୀ, ଶ୍ରଦ୍ଧା-ନିଷ୍ଠାରେ କୃତ ଯଜ୍ଞର ସଫଳକର୍ତ୍ତା, **(ସୁହୁତହୁତେ)** ଉତ୍ତମ ରୂପେ ପ୍ରଦତ୍ତ ଆହୁତିକୁ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଉଥିବା, **(ସର୍ବପ୍ରାୟଶ୍ଚିତ୍ତ + ଆହୁତୀନାମ୍)** ସମସ୍ତ ପ୍ରାୟଶ୍ଚିତ୍ତ ଆହୁତିର ଓ **(କାମାନାମ୍)** ସକଳ କାମନାର **(ସମର୍ଦ୍ଧୟିତ୍ରେ)** ସମୃଦ୍ଧକାରୀ, ପୂରଣକାରୀ ପରମାତ୍ମାଙ୍କ ପାଇଁ **(ସ୍ୱାହା)** ଏ ଆହୁତି ପ୍ରଦାନ କରୁଅଛି । ହେ ପ୍ରଭୋ ! ଆପଣ **(ନଃ)** ଆମର **(ସର୍ବାନ୍)** ସକଳ **(କାମାନ୍)** କାମନା **(ସମର୍ଦ୍ଧୟ)** ପୂର୍ଣ୍ଣ କରନ୍ତୁ । **(ଇଦମ୍)** ଏହି ଆହୁତି **(ଅଗ୍ନୟେ)** ଦୋଷନିବାରକ, ସର୍ବଜ୍ଞ **(ସ୍ୱିଷ୍ଟକୃତେ)** ଯଜ୍ଞର ସଫଳକର୍ତ୍ତା, ସମସ୍ତଙ୍କ ଉତ୍ତମ ଇଷ୍ଟକୁ ପୂର୍ଣ୍ଣକର୍ତ୍ତାଙ୍କ ଉଦ୍ଦେଶ୍ୟରେ ସମର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ।

**ଭାବାର୍ଥ —** ଅଜ୍ଞତା, ଅସାବଧାନତା ଆଦି ବଶତଃ ଏହି ଯଜ୍ଞକର୍ମର ଅନୁଷ୍ଠାନରେ ଯାହା କିଛି ଅଧିକ କରିଦେଇଛି, ବିଧି ଅତିକ୍ରମଣ ହୋଇଯାଇଛି ଅଥବା ଯାହା କିଛି ନ୍ୟୂନତା ରହିଯାଇଛି ତାହାକୁ ଉତ୍ତମ ରୂପେ ଇଷ୍ଟ ସିଦ୍ଧିକର୍ତ୍ତା ସର୍ବଜ୍ଞ ପରମାତ୍ମା ଜାଣନ୍ତି । ଏହି ଯଜ୍ଞ କର୍ମ ସଦୁଦ୍ଦେଶ୍ୟରେ, ଶ୍ରଦ୍ଧାଭାବରେ ଅନୁଷ୍ଠିତ କରାଯାଇଛି ବୋଲି ପ୍ରଭୁ ଜାଣନ୍ତୁ । ମୁଁ ମୋ ତରଫରୁ ପୂର୍ଣ୍ଣ ସତର୍କତା ପାଇଁ ପ୍ରଯତ୍ନ କରୁଛି, ଶେଷ ପର୍ଯ୍ୟନ୍ତ ପୂର୍ଣ୍ଣ ଶ୍ରଦ୍ଧା ସହକାରେ କର୍ମ ସମ୍ପାଦନ କରିବା ଦିଗରେ ଧ୍ୟାନ କେନ୍ଦ୍ରିତ କରୁଛି । ହେ ପରମାତ୍ମନ୍ ! ମୋର ଅଳ୍ପଜ୍ଞତା, ଅଳ୍ପଶକ୍ତିମତ୍ତାକୁ ଧ୍ୟାନ ଦେଇ ଆପଣ ମୋର ସମ୍ପୂର୍ଣ୍ଣ ଶୁଭକର୍ମକୁ, ଯଜ୍ଞକର୍ମକୁ ଯଥୋଚିତ ରୂପେ ଆହୁତି ପ୍ରଦତ୍ତ କରାନ୍ତୁ, ପୂର୍ଣ୍ଣ କରନ୍ତୁ, ଲକ୍ଷ୍ୟ ପ୍ରାପ୍ତିକାରୀ କରନ୍ତୁ । ସର୍ବଜ୍ଞ, ଦୋଷନିବାରକ, ଇଷ୍ଟ କର୍ମର ଉତ୍ତମ ସାଧକ, ଉତ୍ତମ ମନୋରଥ ପୂର୍ଣ୍ଣକାରୀ, ଶ୍ରଦ୍ଧା-ନିଷ୍ଠାରେ କରାଯାଇଥିବା ଯଜ୍ଞର ସଫଳକର୍ତ୍ତା, ଉତ୍ତମ ରୂପେ ପ୍ରଦତ୍ତ ଆହୁତିକୁ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାଉଥିବା, ସମସ୍ତ ପ୍ରାୟଶ୍ଚିତ୍ତ ଆହୁତିର ଓ ସକଳ କାମନାର ସମୃଦ୍ଧିକାରୀ, ପୂରଣକାରୀ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଏ ଆହୁତି ପ୍ରଦାନ କରୁଅଛି । ହେ ପ୍ରଭୋ ! ଆପଣ ଆମର ସକଳ କାମନା ପୂର୍ଣ୍ଣ କରନ୍ତୁ, ଇଷ୍ଟ ସିଦ୍ଧ କରନ୍ତୁ, ଆମକୁ ସମୁନ୍ନତ କରନ୍ତୁ । ଦୋଷନିବାରକ, ସର୍ବଜ୍ଞ, ଯଜ୍ଞର ସଫଳକର୍ତ୍ତା, ସମସ୍ତଙ୍କ ଉତ୍ତମ ଇଷ୍ଟ

ପୂରଣକର୍ତ୍ତା, ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ଏ ଆହୁତି ସମର୍ପିତ । ଏହା ମୋର ନୁହେଁ ।

ମନୁଷ୍ୟ ଅଳ୍ପଜ୍ଞ । ତା'ର ପ୍ରତ୍ୟେକ କର୍ମରେ ତ୍ରୁଟି ରହିବାର ସମ୍ଭାବନା ଅଛି । ବ୍ୟକ୍ତି ନିଜ ତରଫରୁ ତ ପୂର୍ଣ୍ଣ ସତର୍କ, ସାବଧାନ ରହିବା ଉଚିତ । ସ୍ୱକର୍ମକୁ ନିୟମିତ ସିଂହାବଲୋକନ କରୁଥିବା ଉଚିତ, ତ୍ରୁଟି ସଂଶୋଧନ ପାଇଁ ପ୍ରୟାସ କରିବା ଆବଶ୍ୟକ । ତଥାପି ଯଦି ଭୁଲ ହୁଏ, ସେତେବେଳେ ସ୍ୱ ଅଳ୍ପଜ୍ଞତାକୁ ଧ୍ୟାନରେ ରଖି ସର୍ବ ଶୁଭକାମନା ପୂରଣକାରୀ ପ୍ରଭୁଙ୍କୁ ସରଳତା-ସହଜତା ପୂର୍ବକ ଆତ୍ମସମର୍ପଣ କରି ପ୍ରାର୍ଥନା କଲେ, ସର୍ବଜ୍ଞ ପ୍ରଭୁ ମାନବର ଅଳ୍ପଜ୍ଞତାକୁ ଧ୍ୟାନରେ ରଖି ସ୍ୱ କୃପାଳୁସ୍ୱଭାବରେ ତା'ର ନ୍ୟୂନାଧିକ କର୍ମକୁ ବିଶେଷ ସହଯୋଗ ପ୍ରଦାନ ପୂର୍ବକ, ତାକୁ ଆବଶ୍ୟକ ଜ୍ଞାନ-ବିଜ୍ଞାନ ଆଦି ପ୍ରଦାନ ପୂର୍ବକ ସଫଳ କରନ୍ତି ।

## ପ୍ରାଜାପତ୍ୟାହୁତିଃ

ନିମ୍ନ ମନ୍ତ୍ରର ରେଖାଙ୍କିତ ଅଂଶକୁ ମନରେ ଓ ଅନ୍ୟ ଭାଗକୁ ବାଣୀରେ ଉଚ୍ଚାରଣ କରି ଗୋଟିଏ ଘୃତାହୁତି ଦେବେ ।

**ଓମ୍ <u>ପ୍ରଜାପତୟେ</u> ସ୍ୱାହା ॥ ଇଦଂ ପ୍ରଜାପତୟେ - ଇଦଂ ନ ମମ ॥** (ପାର. ଗୃହ୍ୟ. ୧:୧୧:୩)

**ଭାବାର୍ଥ —** ପ୍ରଜାପାଳକ ପରମପିତା ପରମାତ୍ମାଙ୍କ ପାଇଁ ଏ ଆହୁତି ସମର୍ପିତ । ସକଳ ପ୍ରଜାଙ୍କ ପାଳନ, ରକ୍ଷା, କଲ୍ୟାଣ ନିମନ୍ତ ଏହା ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ । ଏହା ମୋର ନୁହେଁ ।

## ଆଜ୍ୟାହୁତୟଃ (ପବମାନାହୁତୟଃ)

ନିମ୍ନଲିଖିତ ଚାରୋଟି ମନ୍ତ୍ରରେ ଚାରୋଟି ଘୃତାହୁତି ଦେବେ ।

**ଓମ୍ ଭୂର୍ଭୁବଃ ସ୍ୱଃ । ଅଗ୍ନ ଆୟୂଂଷି ପବସ ଆ ସୁବୋର୍ଜମିଷଂ ଚ ନଃ । ଆରେ ବାଧସ୍ୱ ଦୁଚ୍ଛୁନାଂ ସ୍ୱାହା ॥ ଇଦମଗ୍ନୟେ ପବମାନାୟ - ଇଦନ୍ନ ମମ ॥ ୧ ॥** (ଋକ୍. ୯:୬୬:୧୯)

**ପଦାର୍ଥ —** ହେ ପ୍ରଭୋ ! ଆପଣ **(ଭୂଃ)** ପ୍ରାଣପ୍ରିୟ, **(ଭୁବଃ)** ଦୁଃଖବିନାଶକ ଓ **(ସ୍ୱଃ)** ସୁଖପ୍ରଦାୟକ ଅଟନ୍ତି । **(ଅଗ୍ନେ)** ହେ ଦୁର୍ଗୁଣବିନାଶକ, ପ୍ରକାଶସ୍ୱରୂପ ପରମେଶ୍ୱର ! ଆପଣ ଆମମାନଙ୍କ **(ଆୟୂଂଷି)** ଜୀବନକୁ **(ପବସେ)** ପବିତ୍ର କରନ୍ତି । ଅତଃ ଆମ ଜୀବନକୁ ପବିତ୍ର କରନ୍ତୁ, ନିର୍ଦ୍ଦୋଷ କରନ୍ତୁ । **(ନଃ)**ଆମକୁ **(ଉର୍ଜମ୍)** ବଳ **(ଚ)** ଓ **(ଇଷମ୍)** ଅନ୍ନାଦି ଭୋଗ୍ୟପଦାର୍ଥ **(ଆ ସୁବ)** ପ୍ରଦାନ କରନ୍ତୁ । **(ଦୁଚ୍ଛୁନାମ୍)** ଶୀଘ୍ରତାପୂର୍ବକ ବୃଦ୍ଧି ପାଉଥିବା କୁବିଚାର ଓ ରାକ୍ଷସୀପ୍ରବୃତ୍ତିକୁ **(ଆରେ)** ଦୂର **(ବାଧସ୍ୱ)** କରିଦିଅନ୍ତୁ । **(ସ୍ୱାହା)** ଏହି କାମନାରେ ଯଜ୍ଞାଗ୍ନିରେ ଏହି ଆହୁତି ଅର୍ପଣ କରୁଛି । **(ଇଦମ୍)** ଏହି ଆହୁତି **(ପବମାନାୟ ଅଗ୍ନୟେ)** ପତିତପାବନ, ଦୁର୍ଗୁଣନାଶନ ପରମାତ୍ମାଙ୍କ ପାଇଁ ତଥା ଶୁଦ୍ଧିକାରକ, ଅଶୁଦ୍ଧିନାଶକ ଅଗ୍ନି ପାଇଁ । **(ଇଦମ୍)** ଏହା **(ମମ)** ମୋର **(ନ)** ନୁହେଁ ।

**ଭାବାର୍ଥ —** ହେ ପ୍ରାଣପ୍ରିୟ, ସର୍ବଦୁଃଖବିନାଶକ, ସୁଖପ୍ରଦାତା, ଅନ୍ନ-ବଳ-ବୁଦ୍ଧିଦାତା ଅଗ୍ନିଦେବ ପରମାତ୍ମନ୍ ! ଆପଣଙ୍କ ଅନୁକମ୍ପାରୁ ଆମ ଜୀବନ ପବିତ୍ର ହେଉ, ଆୟୁ ଦୀର୍ଘ ହେଉ । ଆମକୁ ଶାରୀରିକ-ମାନସିକ-ଆତ୍ମିକ ବଳ ପ୍ରାପ୍ତ କରାନ୍ତୁ । ସଂସାରର ସମସ୍ତ ଜୀବନୋପଯୋଗୀ ଭୋଗ୍ୟପଦାର୍ଥ ଆମକୁ ପ୍ରଦାନ କରନ୍ତୁ । ଆମ ଜୀବନର ପ୍ରଗତି ପଥରେ ଆସୁଥିବା ସମସ୍ତ ବାଧା-ବିଘ୍ନ, ଦୁର୍ବିଚାର-ଦୁଷ୍ପ୍ରବୃତ୍ତି ଦୂର କରନ୍ତୁ । ଏହି ଭାବନାରେ ଏ ଆହୁତି ସମର୍ପଣ କରୁଛି ।

**ଓମ୍ ଭୂର୍ଭୁବଃ ସ୍ୱଃ । ଅଗ୍ନିର୍ଋଷିଃ ପବମାନଃ ପାଞ୍ଚଜନ୍ୟଃ ପୁରୋହିତଃ । ତମୀମହେ ମହାଗୟଂ**

ସ୍ୱାହା ॥ ଇଦମଗ୍ନୟେ ପବମାନାୟ - ଇଦନ୍ନ ମମ ॥ ୨ ॥ (ଋକ୍. ୯:୬୬:୨୦)

**ପଦାର୍ଥ —** ହେ **(ଭୂଃ)** ସର୍ବପ୍ରାଣାଧାର, **(ଭୁବଃ)** ସର୍ବଦୁଃଖବିନାଶକ, **(ସ୍ୱଃ)** ଆନନ୍ଦସ୍ୱରୂପ ପରମାତ୍ମନ୍! ଆପଣ **(ଅଗ୍ନିଃ)** ସର୍ବପ୍ରକାଶକ, ମାର୍ଗଦର୍ଶକ, **(ଋଷିଃ)** ଜ୍ଞାନଦାତା, **(ପବମାନଃ)** ପବିତ୍ରକର୍ତ୍ତା ଅଟନ୍ତି । **(ପାଞ୍ଚଜନ୍ୟଃ)** ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ୪ ବର୍ଣ୍ଣର ଓ ନିଷାଦ ଅର୍ଥାତ୍ ବର୍ଣ୍ଣ-ବହିର୍ଭୂତ ଅନ୍ୟ ସମସ୍ତଙ୍କର ଅର୍ଥାତ୍ ସଂସାରର ସକଳ ବ୍ୟକ୍ତିଙ୍କର ପାଳନକର୍ତ୍ତା, **(ପୁରୋହିତଃ)** ସୃଷ୍ଟି ପୂର୍ବରୁ ବିଦ୍ୟମାନ, ସମସ୍ତଙ୍କୁ ଉନ୍ନତି ମାର୍ଗରେ ନାୟକ, ସମସ୍ତଙ୍କ ହିତକାରୀ ଅଟନ୍ତି । **(ତମ୍)** ଏହି ଭଳି ସ୍ୱରୂପବାନ୍ **(ମହାଗୟମ୍)** ମହାନ୍ ସ୍ତୁତ୍ୟ, ମହାଯଶସ୍ୱୀ ଆପଣଙ୍କୁ **(ଈମହେ)** ଆମେ ପ୍ରାପ୍ତ କରୁ । **(ସ୍ୱାହା)** ଏହି କାମନାରେ ମୁଁ ଏହି ଆହୁତି ପ୍ରଦାନ କରୁଛି । **(ଇଦମ୍)** ଏହି ଆହୁତି **(ପବମାନାୟ)** ପବିତ୍ରକର୍ତ୍ତା **(ଅଗ୍ନୟେ)** ଅଗ୍ନିଙ୍କ ପାଇଁ । ଏହା ମୋର ନୁହେଁ ।

**ଭାବାର୍ଥ —** ହେ ସର୍ବପ୍ରକାଶକ, ମାର୍ଗଦର୍ଶକ, ଜ୍ଞାନଦାତା, ପବିତ୍ରକର୍ତ୍ତା ପ୍ରଭୋ! ଆପଣ ସୃଷ୍ଟି ରଚନା ପୂର୍ବରୁ ବିଦ୍ୟମାନ । ଆପଣ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଓ ବର୍ଣ୍ଣପତିତଙ୍କ ଅର୍ଥାତ୍ ପ୍ରତ୍ୟେକ ମନୁଷ୍ୟଙ୍କର ହିତକାରୀ, ପାଳନକର୍ତ୍ତା ଅଟନ୍ତି । ଏଭଳି ମହାଯଶସ୍ୱୀ ଆପଣଙ୍କୁ ଆମେ ହୃଦୟର ସହ କାମନା କରୁଛୁ ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ଅଗ୍ନେ ପବସ୍ୱ ସ୍ୱପା ଅସ୍ମେ ବର୍ଚଃ ସୁବୀର୍ୟମ୍ । ଦଧଦ୍ରୟିଂ ମୟି ପୋଷଂ ସ୍ୱାହା ॥ ଇଦମଗ୍ନୟେ ପବମାନାୟ - ଇଦନ୍ନ ମମ ॥ ୩ ॥** (ଋକ୍. ୯:୬୬:୨୧)

**ପଦାର୍ଥ — (ଭୂର୍ଭୁବଃ ସ୍ୱଃ)** ହେ ସର୍ବପ୍ରାଣାଧାର, ସର୍ବଦୁଃଖହର୍ତ୍ତା, ସୁଖସ୍ୱରୂପ, **(ଅଗ୍ନେ)** ପ୍ରକାଶସ୍ୱରୂପ ପ୍ରଭୋ! **(ଅସ୍ମେ)** ଆମ ପାଇଁ **(ସ୍ୱପାଃ= ସୁ+ଅପାଃ)** ଉତ୍ତମ କର୍ମ କରୁଥିବା ପ୍ରଜାଙ୍କୁ **(ପବସ୍ୱ)** ପବିତ୍ର କରନ୍ତୁ । **(ମୟି)** ମୋ ଠାରେ (ଆମଠାରେ) **(ବର୍ଚଃ)** ତେଜ, **(ସୁବୀର୍ୟମ୍)** ପରାକ୍ରମ, **(ରୟିମ୍)** ଧନ-ଐଶ୍ୱର୍ଯ୍ୟ, **(ପୋଷମ୍)** ପୁଷ୍ଟି **(ଦଧତ୍)** ଧାରଣ କରାନ୍ତୁ । **(ସ୍ୱାହା)** ଏହି କାମନାରେ ମୁଁ ଏହି ଆହୁତି ପ୍ରଦାନ କରୁଛି । ଶେଷ ଅର୍ଥ ପୂର୍ବବତ୍ ।

**ଭାବାର୍ଥ —** ହେ ସଚ୍ଚିଦାନନ୍ଦସ୍ୱରୂପ, ପ୍ରକାଶସ୍ୱରୂପ ପ୍ରଭୋ! ଆପଣ ଆମର ଉତ୍ତମ କର୍ମ କରୁଥିବା ପ୍ରଜାଙ୍କୁ ପବିତ୍ର କରନ୍ତୁ । ଆମେ କେବଳ ଉତ୍ତମ କର୍ମ ନ କରୁ, ବରଂ ଉତ୍ତମ କର୍ମ କରିବା ସମୟରେ ଆମର ଭାବନା ମଧ୍ୟ ପବିତ୍ର ରହୁ । ଆପଣ ଆମକୁ ବର୍ଚସ୍ୱୀ କରନ୍ତୁ, ଆଧ୍ୟାତ୍ମିକ ଓ ମାନସିକ ବଳ ଦିଅନ୍ତୁ । ତା' ସହ ପରାକ୍ରମ ଅର୍ଥାତ୍ ଶାରୀରିକ ବଳ ବି ଦିଅନ୍ତୁ । ତତ୍ ସହ ହେ ପ୍ରଭୋ! ମୋତେ ଧନ-ଐଶ୍ୱର୍ଯ୍ୟ ତ ଦିଅନ୍ତୁ; କିନ୍ତୁ ଧନ-ଐଶ୍ୱର୍ଯ୍ୟରେ ବୁଡ଼ି ମୁଁ ଯେପରି ଧୀରେ-ଧୀରେ ରସାତଳଗାମୀ ନ ହୁଏ, ତେଣୁ ଏପରି ଐଶ୍ୱର୍ଯ୍ୟ ଦିଅନ୍ତୁ ଯାହା ମୋତେ ବିବେକବନ୍ତ ରଖିବା ସହ ମୋତେ ହ୍ରାସ ଆଡ଼କୁ ନ ନେଇ ନିରନ୍ତର ପୁଷ୍ଟି ଦିଗରେ, ଉନ୍ନତି ପଥରେ ନେଇଚାଲିବ । ମୋର ସାମାଜିକ ଓ ଆଧ୍ୟାତ୍ମିକ ଜୀବନ ନିରନ୍ତର ପରିପୁଷ୍ଟ ହୋଇଚାଲୁ ।

**ଓ୩ମ୍ ଭୂର୍ଭୁବଃ ସ୍ୱଃ । ପ୍ରଜାପତେ ନ ତ୍ୱଦେତାନ୍ୟନ୍ୟୋ ବିଶ୍ୱା ଜାତାନି ପରି ତା ବଭୂବ । ୟତ୍କାମାସ୍ତେ ଜୁହୁମସ୍ତନ୍ନୋ ଅସ୍ତୁ ବୟଂ ସ୍ୟାମ ପତୟୋ ରୟୀଣାଂ ସ୍ୱାହା ॥ ଇଦଂ ପ୍ରଜାପତୟେ - ଇଦନ୍ନ ମମ ॥ ୪ ॥** (ଋକ୍. ୧୦:୧୨୧:୧୦)

**ଭାବାର୍ଥ —** ହେ ପ୍ରଭୋ! ଆପଣ ସର୍ବପ୍ରାଣାଧାର, ଦୁଃଖବିନାଶକ, ସୁଖପ୍ରଦାୟକ ଅଟନ୍ତି । ହେ ସମସ୍ତ ପ୍ରଜାଙ୍କ ପାଳକ, ସ୍ୱାମୀ ପରମାତ୍ମନ୍! ଆପଣଙ୍କ ବ୍ୟତୀତ ଅନ୍ୟ କେହି ଏ ସକଳ ଉତ୍ପନ୍ନ ହୋଇଥିବା ଜଡ଼-ଚେତନ ପଦାର୍ଥକୁ

ବଶୀଭୂତ କରିପାରେ ନାହିଁ । ଆପଣ ହିଁ ସର୍ବୋପରି, ଏ ସମସ୍ତ ଜଗତକୁ ବଶୀଭୂତ କରି ରଖିବାକୁ ସମର୍ଥ । ଯେଉଁ-ଯେଉଁ ପଦାର୍ଥର କାମନା କରୁଥିବା ଆମେ ଆପଣଙ୍କ ଆଶ୍ରୟ ନେଉ, ଯୋଗାଭ୍ୟାସ, ଭକ୍ତି ଓ ହବ୍ୟପଦାର୍ଥ ଦ୍ୱାରା ସ୍ତୁତି-ପ୍ରାର୍ଥନା-ଉପାସନା କରୁ ଆମର ସେହି-ସେହି କାମନା ସିଦ୍ଧ ହେଉ । ଯଦ୍ଦ୍ୱାରାକି ଆମେ ଧନ-ଐଶ୍ୱର୍ଯ୍ୟର ସ୍ୱାମୀ ହେଉ । ଏହି କାମନାରେ ମୁଁ ଏହି ଆହୁତି ଦେଉଛି । ଏହା ପ୍ରଜାପାଳକ ପରମାତ୍ମାଙ୍କ ପାଇଁ ଅର୍ପିତ । ଏହା ମୋର ନୁହେଁ ।

## ଅଷ୍ଟାଜ୍ୟାହୁତୟଃ

ନିମ୍ନଲିଖିତ ଆଠୋଟି ମନ୍ତ୍ରରେ ଆଠୋଟି ଘୃତାହୁତି ଦେବେ ।

**ଓଓମ୍ ତ୍ୱଂ ନୋ ଅଗ୍ନେ ବରୁଣସ୍ୟ ବିଦ୍ୱାନ୍ ଦେବସ୍ୟ ହେଳୋଽବ ୟାସିସୀଷ୍ଠାଃ । ୟଜିଷ୍ଠୋ ବହ୍ନିତମଃ ଶୋଶୁଚାନୋ ବିଶ୍ୱା ଦ୍ୱେଷାଂସି ପ୍ର ମୁମୁଗ୍ଧ୍ୟସ୍ମତ୍ ସ୍ୱାହା ॥ ଇଦମଗ୍ନୀବରୁଣାଭ୍ୟାମ୍ - ଇଦନ୍ନ ମମ ॥ ୧ ॥**

(ଋକ୍. ୪:୧:୪)

**ପଦାର୍ଥ — (ଅଗ୍ନେ)** ହେ ଦୁର୍ଗୁଣବିନାଶକ ପ୍ରଭୋ ! **(ତ୍ୱମ୍)** ଆପଣ **(ଦେବସ୍ୟ)** ଦିବ୍ୟ ଗୁଣ-କର୍ମ-ସ୍ୱଭାବ-ଜ୍ଞାନ ସମ୍ପନ୍ନ **(ବରୁଣସ୍ୟ)** ଶ୍ରେଷ୍ଠ ପୁରୁଷ, ବିଦ୍ୱାନଙ୍କର ମଧ୍ୟ **(ବିଦ୍ୱାନ୍)** ବିଦ୍ୱାନ୍ ଅଟନ୍ତି, ସର୍ବଜ୍ଞାତା ଅଟନ୍ତି । ଅତଃ ଆପଣ **(ନଃ)** ଆମର **(ହେଡଃ)** ଅନାଦର, ଅପ୍ରସନ୍ନତା, କ୍ରୋଧ ଭାବନାକୁ ଜାଣି **(ଅବ-ୟାସିସୀଷ୍ଠାଃ)** ସେସବୁକୁ ଦୂର କରିଦିଅନ୍ତୁ । ମୁଁ **(ୟଜିଷ୍ଠଃ)** ଯଜ୍ଞକର୍ତ୍ତା, ଉତ୍ତମ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରେ ଶ୍ରେଷ୍ଠ, **(ବହ୍ନିତମଃ)** ଶ୍ରେଷ୍ଠ କର୍ମ ବହନ କରୁଥିବା, ଦାୟିତ୍ୱକୁ ସୁଚାରୁ ରୂପେ ପାଳନ କରୁଥିବା ବ୍ୟକ୍ତି, **(ଶୋଶୁଚାନଃ)** ତେଜସ୍ୱୀ, କୀର୍ତ୍ତିମାନ ହୁଏ । **(ଅସ୍ମତ୍)** ଆମଠାରୁ **(ବିଶ୍ୱା)** ସମ୍ପୂର୍ଣ୍ଣ, **(ଦ୍ୱେଷାଂସି)** ଦ୍ୱେଷ **(ପ୍ର ମୁମୁଗ୍ଧି)** ଦୂର କରିଦିଅନ୍ତୁ । **(ସ୍ୱାହା)** ଏହି ଭାବନାରେ ମୁଁ ଏହି ଆହୁତି ଅର୍ପଣ କରୁଛି । **(ଇଦମ୍ ଅଗ୍ନୀବରୁଣାଭ୍ୟାମ୍)** ଏହି ଆହୁତି ଦୁର୍ଗୁଣବିନାଶକ ଅଗ୍ନିସ୍ୱରୂପ ଓ ବରଣୀୟ ରୂପ ପରମାତ୍ମାଙ୍କ ଉଦ୍ଦେଶ୍ୟରେ । **(ଇଦଂ ମମ ନ)** ଏହା ମୋର ନୁହେଁ ।

**ଭାବାର୍ଥ —** ହେ ଦୁର୍ଗୁଣବିନାଶକ ପ୍ରଭୋ ! ଆପଣ ସର୍ବଜ୍ଞାତା ଅଟନ୍ତି, ସମସ୍ତଙ୍କ ଗୁଣ-କର୍ମ-ସ୍ୱଭାବ-ଜ୍ଞାନ ଜାଣନ୍ତି । ଆପଣ ଆମର ଅନାଦର, ଅପ୍ରସନ୍ନତା, କ୍ରୋଧ ଆଦି ଦୁର୍ଗୁଣକୁ ଦୂର କରିଦିଅନ୍ତୁ । ମୁଁ ଯଜ୍ଞକର୍ତ୍ତାଙ୍କ ମଧ୍ୟରେ ଶ୍ରେଷ୍ଠ ହୁଏ, ଉତ୍ତମ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରେ ଶ୍ରେଷ୍ଠ ହୁଏ, ମୋ କର୍ତ୍ତବ୍ୟ-ଦାୟିତ୍ୱକୁ ଉଚିତ ରୂପେ ନିର୍ବହନ କରେ, ତେଜସ୍ୱୀ, କୀର୍ତ୍ତିମାନ୍ ହୁଏ । ଆମଠାରୁ ଦ୍ୱେଷ ଭାବ ସମ୍ପୂର୍ଣ୍ଣ ରୂପେ ଦୂର କରିଦିଅନ୍ତୁ । ମୁଁ କେବେ ବି କାହାକୁ ଦ୍ୱେଷ ନ କରେ । ଏହି ବିନମ୍ର ପ୍ରାର୍ଥନା ପୂରଣ କରନ୍ତୁ ।

**ଓଓମ୍ ସ ତ୍ୱଂ ନୋ ଅଗ୍ନେଽବମୋ ଭବୋତୀ ନେଦିଷ୍ଠୋ ଅସ୍ୟା ଉଷସୋ ବ୍ୟୁଷ୍ଟୌ । ଅବ ୟକ୍ଷ୍ୱ ନୋ ବରୁଣଂ ରରାଣୋ ବୀହି ମୃଳୀକଂ ସୁହବୋ ନ ଏଧି ସ୍ୱାହା ॥ ଇଦମଗ୍ନୀବରୁଣାଭ୍ୟାମ୍ - ଇଦନ୍ନ ମମ ॥ ୨ ॥**

(ଋକ୍. ୪:୧:୫ )

**ପଦାର୍ଥ — (ଅଗ୍ନେ)** ହେ ଜ୍ଞାନ-ଜ୍ୟୋତିର୍ମୟ ପ୍ରଭୋ ! **(ସଃ)** ସେହି **(ତ୍ୱମ୍)** ଆପଣ **(ଊତୀ)** ସ୍ୱ ରକ୍ଷା ଦ୍ୱାରା **(ନଃ)** ଆମର **(ଅବମଃ)** ରକ୍ଷକ **(ଭବ)** ହୁଅନ୍ତୁ । **(ଅସ୍ୟାଃ)** ଏହି **(ଉଷସଃ)** ଉଷାକାଳର **(ବ୍ୟୁଷ୍ଟୌ)** ପ୍ରକାଶରେ **(ନେଦିଷ୍ଠଃ)** ଆମର ସମୀପବର୍ତ୍ତୀ ହୁଅନ୍ତୁ । **(ରରାଣଃ)** ଆହୂତ ହୋଇଥିବା ଆପଣ ସ୍ୱ କୃପାଦାନ ଦ୍ୱାରା **(ନଃ)** ଆମର **(ବରୁଣମ୍)** ସବୁ ଦିଗରୁ ଆବରଣ ଭଳି ଘେରୁଥିବା ଦୁଃଖକୁ **(ଅବୟକ୍ଷ୍ୱ)** ଦୂର କରନ୍ତୁ, ଆମକୁ **(ମୃଡ଼ୀକମ୍)** ସୁଖ **(ବୀହି)**

ପ୍ରାପ୍ତ କରାନ୍ତୁ । ଆପଣ **(ନଃ)** ଆମ ପାଇଁ **(ସୁହବଃ)** ସୁଗମତା ପୂର୍ବକ ଆହ୍ୱାନର, ଡାକିବାର ଯୋଗ୍ୟ **(ଏଧି)** ହୁଅନ୍ତୁ । **(ସ୍ୱାହା)** ଏହି କାମନାରେ ମୁଁ ଏହି ଆହୁତି ପ୍ରଦାନ କରୁଛି । ଶେଷ ପୂର୍ବବତ୍ ।

**ଭାବାର୍ଥ —** ହେ ଜ୍ଞାନ-ଜ୍ୟୋତିର୍ମୟ ପ୍ରଭୋ ! ଆପଣ ଆମ ରକ୍ଷକ ହୁଅନ୍ତୁ । ଏହି ଉଷା କାଳର ପ୍ରଥମ କିରଣ ପଡ଼ିବା ସହ ହିଁ ସ୍ୱ ରକ୍ଷାର ବରଦ ହସ୍ତ ଦ୍ୱାରା ଆମର ସମୀପବର୍ତ୍ତୀ ରକ୍ଷକ ହୁଅନ୍ତୁ । ବ୍ରାହ୍ମମୁହୂର୍ତ୍ତରେ ଆମେ ଆପଣଙ୍କ ଉପାସନା କରୁଛୁ, ଆପଣଙ୍କ ଆଶିଷ କାମନା କରୁଛୁ । ଆମେ ଚତୁର୍ଦ୍ଦିଗରୁ ଦୁଃଖ ଦ୍ୱାରା ଘେରି ହୋଇ ରହିଛୁ । ଆପଣ ସ୍ୱ କରୁଣାପୂର୍ଣ୍ଣ ଦୃଷ୍ଟି ଦ୍ୱାରା ଆମକୁ ଏ ଦୁଃଖରୁ ଉଦ୍ଧାର କରନ୍ତୁ । ଆପଣଙ୍କ ଦ୍ୱାର ସମସ୍ତଙ୍କ ପାଇଁ ସଦା ଉନ୍ମୁକ୍ତ । ଆମେ ଆପଣଙ୍କ ସଂପର୍କରେ ସଦା ରହୁ । ସମସ୍ତ କାର୍ଯ୍ୟ ମଧ୍ୟରେ ଆମ ଭିତରେ ଆପଣଙ୍କ ଅଭିମୁଖରେ ଏକ ଅନ୍ତଃସ୍ରୋତ ନିରନ୍ତର ପ୍ରବାହିତ ରହୁ । ଆପଣ ଆମ ପାଇଁ ସୁଗମତାପୂର୍ବକ ଆହ୍ୱାନଯୋଗ୍ୟ, ଡାକିବାର ଯୋଗ୍ୟ ହୁଅନ୍ତୁ ।

**ଓ୩ମ୍ ଇମଂ ମେ ବରୁଣ ଶ୍ରୁଧୀ ହବମଦ୍ୟା ଚ ମୃଳୟ । ତ୍ୱାମବସ୍ୟୁରା ଚକେ ସ୍ୱାହା ॥ ଇଦଂ ବରୁଣାୟ - ଇଦନ୍ନ ମମ ॥ ୩ ॥** (ଋକ୍. ୧:୨୫:୧୯)

**ପଦାର୍ଥ — (ବରୁଣ)** ହେ ସର୍ବାଚ୍ଛାଦକ, ସର୍ବବ୍ୟାପକ, ବରଣୀୟ ପ୍ରଭୋ ! **(ମେ)** ମୋର **(ଇମମ୍)** ଏହି **(ହବମ୍)** ଡାକ, ପ୍ରାର୍ଥନା **(ଅଦ୍ୟ)** ଆଜି, ବର୍ତ୍ତମାନ **(ଶ୍ରୁଧି)** ଶୁଣନ୍ତୁ **(ଚ)** ଏବଂ **(ମୃଡୟ)** ମୋର ଦୁଃଖ ଦୂର କରି ମୋତେ ସୁଖୀ କରନ୍ତୁ । **(ଅବସ୍ୟୁଃ)** ସ୍ୱ ରକ୍ଷାର କାମନାକାରୀ ମୁଁ **(ତ୍ୱାମ୍)** ଆପଣଙ୍କ ଆଡ଼କୁ **(ଆ ଚକେ)** ଆଶାଭରା ନୟନରେ ଅନାଇଅଛି । **(ସ୍ୱାହା)** ଏହି ଭାବନାରେ ଏ ଆହୁତି ଦେଉଛି । **(ଇଦଂ ବରୁଣାୟ - ଇଦଂ ମମ ନ)** ଏ ଆହୁତି ବିଶ୍ୱାଚ୍ଛାଦକ, ସର୍ବବ୍ୟାପକ ପରମାତ୍ମାଙ୍କ ଉଦ୍ଦେଶ୍ୟରେ, ଏହା ମୋର ନୁହେଁ ।

**ଭାବାର୍ଥ —** ହେ ସର୍ବବ୍ୟାପକ ପ୍ରଭୋ ! ଭବବନ୍ଧନରେ ପୀଡ଼ିତ ମୁଁ ଦୀନ-ଦୁଃଖୀ ସ୍ୱ ପ୍ରାର୍ଥନା, ଗୁହାରି ନେଇ ଆପଣଙ୍କ ପାଖକୁ ଆସିଛି । ଆପଣ ସମସ୍ତଙ୍କ ହାରି-ଗୁହାରି ଶୁଣନ୍ତି । ମୋ ପ୍ରାର୍ଥନା ଶୁଣନ୍ତୁ । ମୋର ଦୁଖ ତତ୍‌କାଳ ଦୂର କରି ମୋତେ ସୁଖୀ କରନ୍ତୁ । ଦୁଃଖରୁ ଉଦ୍ଧାର ପାଇଁ ମୁଁ ଉତ୍ତମ ଆଚରଣ ଦ୍ୱାରା ଆପଣଙ୍କ କୃପାପ୍ରାପ୍ତିର ପ୍ରୟାସ କରୁଛି, ଆପଣଙ୍କ ନିୟମ ଅନୁସାରେ ସ୍ୱ ଜୀବନକୁ ପରିଚାଳିତ କରିବାର ପ୍ରଯତ୍ନ କରୁଛି । ମୁଁ ଯେପରି ସଦା ଶୁଭ କର୍ମରେ ହିଁ ପ୍ରବୃତ୍ତ ରହି ଆପଣଙ୍କ ଆଶିଷ ଲାଭର ଅଧିକାରୀ ହୁଏ ସେ କାମନା କରୁଛି । ସଂସାରର ଏ ଘାତ-ପ୍ରତିଘାତ ଭିତରେ ସ୍ୱ ରକ୍ଷା ପାଇଁ ଆପଣଙ୍କ କୃପାଦୃଷ୍ଟି ସକାଶେ ଆଶାଭରା ନୟନରେ ଚାହିଁରହିଛି । ପ୍ରଭୋ ! ମୋର ନିଜସ୍ୱ କିଛି ବି ନାହିଁ । ଯାହା କିଛି ନିଜର ବୋଲି ଭାବିଆସିଛି, ସେ ସବୁ ବସ୍ତୁତଃ ଆପଣଙ୍କ ଦାନ । ମୁଁ ଯେପରି ସେସବୁକୁ ଜଗତକଲ୍ୟାଣରେ ହିଁ ନିରନ୍ତର ପ୍ରୟୋଗ କରେ ସେହି ଭାବନା ମୋ ଭିତରେ ବଳବତୀ ହେଉ । ଏହି ଭାବନାରେ ଏ ଆହୁତି ଅର୍ପଣ କରୁଛି ।

**ଓ୩ମ୍ ତତ୍ତ୍ୱା ଯାମି ବ୍ରହ୍ମଣା ବନ୍ଦମାନସ୍ତଦା ଶାସ୍ତେ ଯଜମାନୋ ହବିର୍ଭିଃ । ଅହେଳମାନୋ ବରୁଣେହ ବୋଧ୍ୟୁରୁଶଂସ ମା ନ ଆୟୁଃ ପ୍ର ମୋଷୀଃ ସ୍ୱାହା ॥ ଇଦଂ ବରୁଣାୟ - ଇଦନ୍ନ ମମ ॥ ୪ ॥**

(ଋକ୍. ୧:୨୪:୧୧)

**ପଦାର୍ଥ —** ହେ ସର୍ବବ୍ୟାପକ ପ୍ରଭୋ ! **(ତତ୍)** ସେହି **(ତ୍ୱା)** ଆପଣଙ୍କୁ **(ବ୍ରହ୍ମଣା)** ବେଦମନ୍ତ୍ରଦ୍ୱାରା **(ବନ୍ଦମାନଃ)** ବନ୍ଦନା, ସ୍ତୁତି କରି-କରି, ଯଜ୍ଞ ଦ୍ୱାରା ସ୍ତୁତି-ଉପାସନା କରି-କରି **(ଯାମି)** ପ୍ରାପ୍ତ ହେଉଅଛି । **(ଯଜମାନଃ)** ଶ୍ରେଷ୍ଠ କର୍ମ ସମ୍ପାଦନକାରୀ ଯଜମାନ **(ହବିର୍ଭିଃ)** ଶୁଭ କର୍ମ ରୂପୀ ହବି ପ୍ରଦାନ ଦ୍ୱାରା **(ତତ୍)** ସେହି ଆପଣଙ୍କୁ **(ଆଶାସ୍ତେ)** ଆଶା

କରିଥାଏ । ତା'ର କାମନା ଥାଏ ଯେ ଆପଣ ତାକୁ ପ୍ରାପ୍ତ ହୁଅନ୍ତୁ । **(ବରୁଣ)** ହେ ବରଣୀୟ, ଉପାସନୀୟ ଇଷ୍ଟଦେବ ! **(ଇହ)** ଏହି ଶୁଭ କର୍ମ ରୂପୀ ଯଜ୍ଞରେ **(ଅହେଡ଼ମାନଃ)** ମୋର ପ୍ରାର୍ଥନା-ଯାଚନାକୁ ଅନାଦର, ଅବହେଳନା ନ କରି **(ବୋଧି)** ମୋତେ ବୋଧ, ଜ୍ଞାନ ପ୍ରାପ୍ତ କରାନ୍ତୁ । **(ଉରୁଶଂସ)** ମହତୀ ସ୍ତୁତିଯୋଗ୍ୟ, ମହାନ୍ କୀର୍ତ୍ତିମାନ୍ ପ୍ରଭୋ ! **(ନଃ)** ଆମର **(ଆୟୁଃ)** ଜୀବନକୁ **(ମା ପ୍ରମୋଷୀଃ)** କ୍ଷୀଣ କରନ୍ତୁ ନାହିଁ, ଅସମୟରେ ନଷ୍ଟ କରନ୍ତୁ ନାହିଁ । ଆମର ଅକାଳ-ମୃତ୍ୟୁ ହେଉ । **(ସ୍ୱାହା)** ଏହି କାମନାରେ ଏ ଆହୁତି ପ୍ରଦାନ କରୁଛି । **(ଇଦଂ ବରୁଣାୟ)** ପୂର୍ବବତ୍ ।

**ଭାବାର୍ଥ —** ହେ ବରଣୀୟ, ବରୁଣ ଦେବ ! ମୁଁ ବେଦ ମନ୍ତ୍ରଦ୍ୱାରା, ଯଜ୍ଞ ଦ୍ୱାରା ସ୍ତୁତି କରି-କରି ଆପଣଙ୍କ ଶରଣାପନ୍ନ ହେଉଅଛି । ଯଜ୍ଞରେ ଆହୁତି ପ୍ରଦାନ ପୂର୍ବକ ନିଜର ଅହଂତ୍ୱକୁ ବିସର୍ଜନ କରି ଆପଣଙ୍କ ପ୍ରାପ୍ତିର କାମନା କରୁଛି । ଯଜ୍ଞକର୍ମ, ଶୁଭ କର୍ମ, ସଂସାର ଉପକାରକ କର୍ମକୁ ଯଥାଯଥ ସମ୍ପନ୍ନ କରିବାର ବୋଧ ପ୍ରଦାନ କରନ୍ତୁ । ମହତୀ ସ୍ତୁତିଯୋଗ୍ୟ, ମହାନ୍ କୀର୍ତ୍ତିମାନ୍ ପ୍ରଭୋ ! ଆପଣଙ୍କ କୀର୍ତ୍ତି ସକଳ ସଂସାରରେ ବ୍ୟାପ୍ତ । ଏ ଜୀବନ ଆପଣଙ୍କୁ ସମର୍ପିତ । ମୋର ମୃତ୍ୟୁଭୟ ଦୂର ହେଉ ।

**ଓ୩ମ୍ ୟେ ତେ ଶତଂ ବରୁଣ ୟେ ସହସ୍ରଂ ୟଜ୍ଞିୟାଃ ପାଶା ବିତତା ମହାନ୍ତଃ । ତେଭିର୍ନୋ ଅଦ୍ୟ ସବିତୋତ ବିଷ୍ଣୁର୍ବିଶ୍ୱେ ମୁଞ୍ଚନ୍ତୁ ମରୁତଃ ସ୍ୱର୍କାଃ ସ୍ୱାହା ॥ ଇଦଂ ବରୁଣାୟ ସବିତ୍ରେ ବିଷ୍ଣବେ ବିଶ୍ୱେଭ୍ୟୋ ଦେବେଭ୍ୟୋ ମରୁଦ୍‌ଭ୍ୟଃ ସ୍ୱର୍କେଭ୍ୟଃ - ଇଦନ୍ନ ମମ ॥ ୫ ॥** (କାତ୍ୟା. ଶ୍ରୌତ. ୨୫:୧:୧୧)

**ପଦାର୍ଥ —** **(ବରୁଣ)** ହେ ବରଣୀୟ, ଉପାସ୍ୟ ପ୍ରଭୋ ! **(ତେ)** ଆପଣଙ୍କର **(ୟେ)** ଯେଉଁ **(ଶତମ୍)** ଶତ-ଶତ, **(ୟେ)** ଯେଉଁ **(ସହସ୍ରମ୍)** ସହସ୍ର-ସହସ୍ର **(ୟଜ୍ଞିୟାଃ)** ସୃଷ୍ଟିଯଜ୍ଞ ସମ୍ବନ୍ଧୀୟ, ସଂସାର ସମ୍ବନ୍ଧୀୟ, ଜୀବନ-ଯଜ୍ଞ ସମ୍ବନ୍ଧୀୟ **(ମହାନ୍ତଃ)** ବଡ଼-ବଡ଼ **(ପାଶାଃ)** ବନ୍ଧନ-ନିୟମ **(ବିତତାଃ)** ସର୍ବତ୍ର ବିସ୍ତୃତ ହୋଇ ରହିଛି, **(ତେଭିଃ)** ସେସବୁ ଦ୍ୱାରା, ସେସବୁର ସହାୟତାରେ, ସେସବୁର ଜ୍ଞାନ ଦ୍ୱାରା **(ନଃ)** ଆମକୁ **(ଅଦ୍ୟ)** ଆଜି **(ସବିତା)** ଶୁଭ କର୍ମରେ ପ୍ରେରକ ବିଦ୍ୱଜ୍ଜନ **(ଉତ)** ଓ **(ବିଷ୍ଣୁଃ)** କର୍ମରେ ବ୍ୟାପକ ଅର୍ଥାତ୍ କର୍ମର ଧର୍ମାଧର୍ମକୁ ଉତ୍ତମ ରୂପେ ଜ୍ଞାତା ନ୍ୟାୟାଧୀଶ, **(ମରୁତଃ)** 'ମା ରୁତ' ଅର୍ଥାତ୍ 'ରୋଦନ କର ନାହିଁ' ବୋଲି ଧୈର୍ଯ୍ୟ-ସାନ୍ତ୍ୱନା ଦେଉଥିବା ଶୁଭାକାଂକ୍ଷୀ, **(ସ୍ୱର୍କାଃ)** ଉତ୍ତମ, ତେଜସ୍ୱୀ, ପରାକ୍ରମୀ **(ବିଶ୍ୱେ)** ସମସ୍ତ ମିତ୍ରଗଣ **(ମୁଞ୍ଚନ୍ତୁ)** ଏହି ଭବବନ୍ଧନରୁ ମୁକ୍ତ କରନ୍ତୁ । **(ସ୍ୱାହା)** ଏହି ଭାବନାରେ ଆହୁତି ହେଉଛି । **(ଇଦଂ ବରୁଣାୟ ସବିତ୍ରେ ବିଷ୍ଣବେ ବିଶ୍ୱେଭ୍ୟୋ ଦେବେଭ୍ୟୋ ମରୁଦ୍‌ଭ୍ୟଃ ସ୍ୱର୍କେଭ୍ୟଃ)** ଏହି ଆହୁତି ଉପାସନୀୟ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ତଥା ସୁକର୍ମରେ ପ୍ରେରକ ବିଦ୍ୱଜ୍ଜନ, ନ୍ୟାୟାଧୀଶ, ଉପକାରୀ, ତେଜସ୍ୱୀ ମିତ୍ରଗଣଙ୍କ କଲ୍ୟାଣାର୍ଥେ, ସେମାନଙ୍କ ସହଯୋଗ ପ୍ରାପ୍ତି ଉଦ୍ଦେଶ୍ୟରେ ଅର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ।

**ଭାବାର୍ଥ —** ହେ ବରଣୀୟ, ଶ୍ରେଷ୍ଠତମ ପ୍ରଭୋ ! ଏହି ସଂସାରରେ ଆପଣଙ୍କର ଶତ-ଶତ, ସହସ୍ର-ସହସ୍ର ନିୟମ ଅଛି ଯେଉଁ ପାଶରେ କି ମଣିଷ ବନ୍ଧା ହୋଇଛି । ଆମର ଗୁରୁଜନ, ଶୁଭକର୍ମରେ ପ୍ରେରକ ବିଦ୍ୱଦ୍‌ବୃନ୍ଦ, ନ୍ୟାୟ-ଶାସ୍ତ୍ରର ବିଦ୍ୱାନ୍ ଶାସ୍ତ୍ରବେତ୍ତା ଯେଉଁମାନେ କି ଠିକ୍-ଭୁଲ୍, କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଉଚିତ-ଅନୁଚିତର ନିର୍ଣ୍ଣୟ କରନ୍ତି, ଆମ ମିତ୍ରଗଣ ଯେଉଁମାନେ କି ବିପତ୍ତି ସମୟରେ ଧୈର୍ଯ୍ୟ-ସାନ୍ତ୍ୱନା ଦିଅନ୍ତି, ତପସ୍ୱୀ, ତେଜସ୍ୱୀ ବ୍ୟକ୍ତି ଯେଉଁମାନେ କି ତପଃପୂତ ଜୀବନ ନିର୍ବାହ କରନ୍ତି- ଏମାନେ ଆମକୁ ସେସବୁ ନିୟମ ବିଷୟରେ ଜ୍ଞାନ ଦେଇ, ସେସବୁର ଯଥାଯଥ ପାଳନ ପାଇଁ ପ୍ରେରିତ କରି, ସହାୟତା ଦେଇ ଆମକୁ ଭବବନ୍ଧନରୁ ମୁକ୍ତ କରନ୍ତୁ ।

**ଓ୩ମ୍ ଅୟାଶ୍ଚାଗ୍ନେଽସ୍ୟନଭିଶସ୍ତିପାଶ୍ଚ ସତ୍ୟମିତ୍ତ୍ୱମୟାଽସି । ଅୟା ନୋ ୟଜ୍ଞଂ ବହାସ୍ୟୟା ନୋ ଧେହି**

**ଭେଷଜଂ ସ୍ୱାହା ॥ ଇଦମଗ୍ନୟେ ଅୟସେ - ଇଦନ୍ନ ମମ ॥ ୬ ॥** (କାତ୍ୟା. ଶ୍ରୌତ. ୨୫:୧:୧୧)

**ପଦାର୍ଥ — (ଅଗ୍ନେ)** ହେ ପ୍ରକାଶସ୍ୱରୂପ, ଦୁର୍ଗୁଣବିନାଶକ ପରମାତ୍ମନ୍! ଆପଣ **(ଅୟାଃ)** ସର୍ବତ୍ର ବ୍ୟାପକ **(ଅସି)** ଅଟନ୍ତି **(ଚ)** ଏବଂ **(ଅନଭିଶସ୍ତି+ପାଃ)** ଅପ୍ରଶଂସନୀୟ କାର୍ଯ୍ୟ, ଦୁର୍ଦ୍ଦମନୀୟ କାମ-କ୍ରୋଧ ଆଦି ଶତ୍ରୁଙ୍କଠାରୁ ରକ୍ଷାକର୍ତ୍ତା, ଶ୍ରେଷ୍ଠତାର ଦାତା ଓ ଶ୍ରେଷ୍ଠଙ୍କ ପାଳକ ଅଟନ୍ତି । **(ଚ)** ତଥା **(ତ୍ୱମ୍)** ଆପଣ **(ସତ୍ୟମ୍ ଇତ୍)** ଯଥାର୍ଥରେ, ନିଶ୍ଚୟପୂର୍ବକ **(ଅୟାଃ)** ସର୍ବତ୍ର ବ୍ୟାପକ **(ଅସି)** ଅଟନ୍ତି । ଆପଣ **(ଅୟାଃ)** ସର୍ବତ୍ର ବ୍ୟାପକ ହୋଇଥିବାରୁ **(ନଃ)** ଆମର **(ଯଜ୍ଞମ୍)** ଯଜ୍ଞିୟ ପଦାର୍ଥକୁ, ଶୁଭକର୍ମକୁ **(ବହାସି)** ବହନ କରନ୍ତି, ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ପୂର୍ଣ୍ଣ କରନ୍ତି । **(ଅୟାଃ)** ଚରାଚର ଜଗତରେ ବ୍ୟାପକ ଆପଣ **(ନଃ)** ଆମକୁ **(ଭେଷଜମ୍)** ଦୋଷ-ଦୁଃଖ-ରୋଗ-ପାପ ନିବାରଣର ଔଷଧ, କାମ-କ୍ରୋଧ ଆଦି ବିକାରର ରୋଧକ ଶକ୍ତି **(ଧେହି)** ଦିଅନ୍ତୁ । **(ସ୍ୱାହା)** ଏହି କାମନାରେ ଏ ଆହୁତି ପ୍ରଦାନ କରୁଛି । **(ଇଦଂ ଅଗ୍ନୟେ ଅୟସେ)** ଏହା ଦୁର୍ଗୁଣନିବାରକ, ସର୍ବବ୍ୟାପକ ପରମାତ୍ମାଙ୍କ ଉଦ୍ଦେଶ୍ୟରେ ସମର୍ପିତ । **(ଇଦଂ ମମ ନ)** ଏହା ମୋର ନୁହେଁ ।

**ଭାବାର୍ଥ —** ହେ ପ୍ରକାଶସ୍ୱରୂପ, ଦୁର୍ଗୁଣବିନାଶକ ପରମାତ୍ମନ୍! ଆପଣ ସର୍ବବ୍ୟାପକ ଅଟନ୍ତି । ଆପଣ ଆମ ହୃଦୟର ଭାବକୁ ମଧ୍ୟ ଜାଣନ୍ତି । ଆମ ଭିତରେ ଅନେକ ଅପ୍ରଶଂସନୀୟ, କୁତ୍ସିତ, ନିନ୍ଦିତ ବିଚାର ଉଦ୍ରେକ ହେଉଥାଏ, କାମ-କ୍ରୋଧାଦି ଦୁର୍ଦ୍ଦମନୀୟ ଶତ୍ରୁଙ୍କର ପ୍ରଭାବ ପ୍ରକାଶିତ ହେଉଥାଏ । ଭଗବନ୍! ଏକଥା ସତ୍ୟ ଯେ ଆପଣ ଆମକୁ ଏସବୁ କୁତ୍ସିତ, ଗର୍ହିତ ବିଚାରରୁ ରକ୍ଷା କରିପାରନ୍ତି । ଆପଣ ଏସବୁର ସମୂଳ ବିନାଶ ପାଇଁ ଆପଣଙ୍କ ଦିବ୍ୟ ଔଷଧ ପ୍ରଦାନ କରନ୍ତୁ, ଦିବ୍ୟ ଶକ୍ତି ପ୍ରଦାନ କରନ୍ତୁ ଯଦ୍ଦ୍ୱାରା ଆମ ବିଚାର ସଦା ପବିତ୍ର ରହୁ । ଆପଣ ହିଁ ଆମର ଯଜ୍ଞିୟ ପଦାର୍ଥକୁ ବାୟୁ ଦ୍ୱାରା ସର୍ବତ୍ର ବହନ କରନ୍ତି, ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଆମ ଯଜ୍ଞକୁ ସଫଳ କରନ୍ତି । ଆପଣ ଆମ ଯଜ୍ଞକୁ ଅନ୍ତିମ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚାନ୍ତି । ଆପଣ ହିଁ ଆମ ଜୀବନ-ଯଜ୍ଞର ଭାର ବହନ କରନ୍ତି, ଆମ ଯୋଗକ୍ଷେମ ବ୍ୟବସ୍ଥା କରନ୍ତି, ଆପଣ ହିଁ ଆମର ସକଳ କର୍ମର ହିସାବ ବ୍ୟବସ୍ଥାର ଭାର ବହନ କରନ୍ତି ।

**ଓମ୍ ଉଦୁତ୍ତମଂ ବରୁଣ ପାଶମସ୍ମଦବାଧମଂ ବି ମଧ୍ୟମଂ ଶ୍ରଥାୟ । ଅଥା ବୟମାଦିତ୍ୟ ବ୍ରତେ ତବାନାଗସୋ ଅଦିତୟେ ସ୍ୟାମ ସ୍ୱାହା ॥ ଇଦଂ ବରୁଣାୟାଽଽଦିତ୍ୟାୟାଽଦିତୟେ ଚ - ଇଦନ୍ନ ମମ ॥ ୭ ॥**

(ଋକ୍. ୧:୨୪:୧୫)

**ପଦାର୍ଥ — (ବରୁଣ)** ହେ ବରଣୀୟ ପ୍ରଭୋ! ଆପଣ **(ଅସ୍ମତ୍)** ଆମ ଠାରୁ **(ଉତ୍ତମମ୍)** ଉତ୍ତମ, ସବୁଠାରୁ ଉପରର, ଅତି ଦୃଢ଼ **(ପାଶମ୍)** ବନ୍ଧନକୁ **(ଉତ୍)** ଉତାରି ଦିଅନ୍ତୁ; **(ଅଧମମ୍)** ନିମ୍ନର ବନ୍ଧନକୁ, ସାଧାରଣ ବନ୍ଧନକୁ **(ଅବ)** ଦୂର କରନ୍ତୁ; **(ମଧ୍ୟମମ୍)** ମଧ୍ୟମ, ମଧ୍ୟଭାଗର ବନ୍ଧନକୁ **(ବି)** ବିଶେଷ ରୂପେ **(ଶ୍ରଥାୟ)** ଶିଥିଳ କରନ୍ତୁ । **(ଅଥ)** ଏସବୁ ବନ୍ଧନରୁ ମୁକ୍ତ ହୋଇ **(ବୟମ୍)** ଆମେ **(ଆଦିତ୍ୟ)** ହେ ଅବିନାଶୀ, ଅଖଣ୍ଡବ୍ରତର ସ୍ୱାମୀ ପରମାତ୍ମନ୍! **(ତବ)** ଆପଣଙ୍କ **(ବ୍ରତେ)** ନିୟମରେ ଉତ୍ତମ ରୂପେ ଗତି କରି **(ଅନାଗସଃ)**, ନିଷ୍ପାପ, ଶୁଦ୍ଧାନ୍ତଃକରଣସମ୍ପନ୍ନ ହୋଇ **(ଅଦିତୟେ)** ନାଶରହିତ ମୋକ୍ଷ, ଅଖଣ୍ଡ ଆନନ୍ଦ ସକାଶେ **(ସ୍ୟାମ)** ସମର୍ଥ ହେଉ । **(ସ୍ୱାହା)** ଏହି ଭାବନାରେ ମୁଁ ଏହି ଆହୁତି ପ୍ରଦାନ କରୁଛି । **(ଇଦଂ ବରୁଣାୟ ଆଦିତ୍ୟାୟ ଆଦିତୟେ ଚ, ଇଦଂ ମମ ନ)** ଏହା ବରଣୀୟ, ଅବିନାଶୀସ୍ୱରୂପ, ମୁକ୍ତିପ୍ରଦାତା ପରମାତ୍ମାଙ୍କ ପାଇଁ - ଏହା ମୋର ନୁହେଁ ।

**ଭାବାର୍ଥ —** ହେ ବରଣୀୟ ପ୍ରଭୋ! ଆମେ ଅଧମ, ମଧ୍ୟମ ଓ ଉତ୍ତମ ବନ୍ଧନରେ - ପୁତ୍ରୈଷଣା-ବିତ୍ତୈଷଣା-

ଲୋକୈଷଣା, କାୟିକ-ମାନସିକ-ଆତ୍ମିକ, ଆଧି-ବ୍ୟାଧି-ଉପାଧିର ବନ୍ଧନରେ ବାନ୍ଧି ହୋଇ, ପାପ ଜାଲରେ ଛନ୍ଦି ହୋଇ ରହିଛୁ । ଆପଣ କୃପାକରନ୍ତୁ କି ଏ ବନ୍ଧନ ପୂର୍ଣ୍ଣତଃ ଶିଥିଳ ହୋଇଯାଉ, ପାପ-ଜାଲ ଛିନ୍ନ-ଭିନ୍ନ ହୋଇଯାଉ । ଆମେ ଏସବୁ ବନ୍ଧନରେ ଏଥିପାଇଁ ବାନ୍ଧି ହୋଇ ରହିଛୁ କାରଣ ଆମେ ଆପଣଙ୍କ ଅଖଣ୍ଡ ବ୍ରତ-ନିୟମର ଅବହେଳନା, ଉଲ୍ଲଙ୍ଘନ କରିଛୁ ଓ କରୁଛୁ । ହେ ଅଖଣ୍ଡବ୍ରତର ଅଧିପତି ! ଆପଣ କୃପା କରନ୍ତୁ କି ଆମେ ଆପଣଙ୍କ ଦ୍ୱାରା ବିହିତ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ ଆଦି ବ୍ରତ ନିଷ୍ଠାପୂର୍ବକ ପାଳନ କରି ନିଷ୍ପାପ, ଶୁଦ୍ଧାନ୍ତଃକରଣସମ୍ପନ୍ନ ହୋଇ ଅଖଣ୍ଡ-ଆନନ୍ଦ, ମୋକ୍ଷ ସୁଖର ଅଧିକାରୀ ହେଉ ।

**ଓ୩ମ୍ ଭବତଂ ନଃ ସମନସୌ ସଚେତସାବରେପସୌ । ମା ଯଜ୍ଞଂ ହିଂସିଷ୍ଟଂ ମା ଯଜ୍ଞପତିଂ ଜାତବେଦସୌ ଶିବୌ ଭବତମଦ୍ୟ ନଃ ସ୍ୱାହା ॥ ଇଦଂ ଜାତବେଦୋଭ୍ୟାମ୍ - ଇଦନ୍ନ ମମ ॥ ୮ ॥**

(ଯଜୁଃ. ୫:୩)

**ପଦାର୍ଥ —** ହେ ପ୍ରଭୋ ! ଆପଣଙ୍କ ଅନୁଗ୍ରହରେ **(ନଃ)** ଆମ ସମସ୍ତଙ୍କ ହିତ ପାଇଁ ଋତ୍ୱିକ୍ ଓ ଯଜମାନ, ଯାଜ୍ଞିକ ପତି-ପତ୍ନୀ **(ସମନସୌ)** ସମାନ ମନ ସମ୍ପନ୍ନ, **(ସଚେତସୌ)** ସମାନ ଜ୍ଞାନ-ବିଚାର ସମ୍ପନ୍ନ, **(ଅରେପସୌ)** ପାପ-ଅପରାଧ-କୁଟିଳତା-ଛଳ-କପଟ ଆଦି ଭାବନା ରହିତ, ଶୁଦ୍ଧ **(ଭବତମ୍)** ହୁଅନ୍ତୁ । ସେମାନେ **(ଯଜ୍ଞମ୍)** ଯଜ୍ଞ, ଶୁଭକର୍ମ ଏବଂ **(ଯଜ୍ଞପତିମ୍)** ଯଜ୍ଞାନୁଷ୍ଠାନ କରୁଥିବା ବ୍ୟକ୍ତିକୁ, ଶୁଭକର୍ମ କରୁଥିବା ବ୍ୟକ୍ତିକୁ **(ମା ହିଂସିଷ୍ଟମ୍)** ନଷ୍ଟ କରନ୍ତୁ ନାହିଁ, ହାନି ପହଞ୍ଚାନ୍ତୁ ନାହିଁ, ସେମାନଙ୍କ ଠାରେ କୌଣସି ନ୍ୟୂନତା ଆସିବାକୁ ଦିଅନ୍ତୁ ନାହିଁ । ଏଭଳି ଆଚରଣବାନ୍ ହୋଇ ସେମାନେ **(ଜାତବେଦସୌ)** ପ୍ରବୁଦ୍ଧ ଜ୍ଞାନୀ ହୁଅନ୍ତୁ, **(ନଃ)** ଆମ ପାଇଁ **(ଅଦ୍ୟ)** ଆଜି, ସଦାସର୍ବଦା **(ଶିବୌ)** ସୁଖ-କଲ୍ୟାଣକାରୀ **(ଭବତମ୍)** ହୁଅନ୍ତୁ । **(ସ୍ୱାହା)** ଏହି କାମନାରେ ମୁଁ ଏହି ଆହୁତି ପ୍ରଦାନ କରୁଅଛି । **(ଇଦଂ ଜାତବେଦୋଭ୍ୟାମ୍, ଇଦଂ ମମ ନ)** ଏ ଆହୁତି ସେ ଉଭୟ ପ୍ରବୁଦ୍ଧ ଜ୍ଞାନୀଙ୍କ କଲ୍ୟାଣ ପାଇଁ ଅର୍ପିତ, ଏହା ମୋର ନୁହେଁ ।

**ଭାବାର୍ଥ —** ହେ ପ୍ରଭୋ ! ଆପଣଙ୍କ ଅନୁଗ୍ରହରେ ଆମ ସମାଜରେ ଗୃହସ୍ଥ ପତି-ପତ୍ନୀ ସଂସାରକଲ୍ୟାଣ ନିମିତ୍ତ ଏକମନ, ଏକଚିତ୍ତ ଓ ପାପରହିତ ହୁଅନ୍ତୁ । ଏମାନେ ନିତ୍ୟ ଓ ନୈମିତ୍ତିକ ଯଜ୍ଞର ଲୋପ, ଉଲ୍ଲଙ୍ଘନ ହେବାକୁ ଦିଅନ୍ତୁ ନାହିଁ ଅର୍ଥାତ୍ ନିୟମ ପୂର୍ବକ ଏସବୁର ଅନୁଷ୍ଠାନ କରନ୍ତୁ । ସମାଜରେ ଉତ୍ତମ କର୍ମ କରୁଥିବା ଲୋକଙ୍କୁ କଦାପି ବିରୋଧ କରନ୍ତୁ ନାହିଁ । ବ୍ରହ୍ମଚାରୀ, ସନ୍ନ୍ୟାସୀ, ବାନପ୍ରସ୍ଥୀଙ୍କ ଦ୍ୱାରା ସମାଜରେ ହେଉଥିବା ଜନହିତକର କାର୍ଯ୍ୟରେ ନ୍ୟୂନତା ଆସିବାକୁ ଦିଅନ୍ତୁ ନାହିଁ, ସେମାନଙ୍କୁ ସମାଜକଲ୍ୟାଣ ନିମିତ୍ତ ପୂର୍ଣ୍ଣପ୍ରାଣରେ ସହଯୋଗ କରନ୍ତୁ । ଉତ୍ତମ ଆଚରଣବାନ୍, ସ୍ୱାଧ୍ୟାୟଶୀଳ ହୋଇ ପ୍ରବୁଦ୍ଧ ହୁଅନ୍ତୁ ତଥା ସଦା ସମସ୍ତଙ୍କ ପାଇଁ କଲ୍ୟାଣକାରୀ ହୁଅନ୍ତୁ । ଏହି ଆହୁତି ଦ୍ୱାରା ସମାଜରେ ଏଭଳି ଭାବନାର ପ୍ରସାର ହେଉ ।

**କ୍ରମଶଃ...**

❖❖❖

| | | | | | | | |
|---|---|---|---|---|---|---|---|
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ | ଶ୍ରୀମତୀ ପ୍ରଜ୍ଞା ମେହେର | ସୁବର୍ଣ୍ଣପୁର | ୦୪ | ୦୯ |
| ଶ୍ରୀମତୀ ମିନତି ସାମନ୍ତରାୟ | କୋରାପୁଟ | ୦୫ | ୦୦ | ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୫ |
| ଶ୍ରୀମାନ୍ କାମେଶ୍ୱର ସାହୁ | ଗଞ୍ଜାମ | ୦୫ | ୦୦ | ଶ୍ରୀମାନ୍ ସନକ ଭୋଇ | ବରଗଡ଼ | ୦୪ | ୦୪ |
| ବେଦ ପ୍ରଚାର ସମିତି, ଟିଟିଲାଗଡ଼ | | ୦୪ | ୫୬ | ଶ୍ରୀମାନ୍ ସୁଧାକର ବେହେରା | ଜଗତସିଂହପୁର | ୦୪ | ୦୪ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୪ | ୩୩ | ଶ୍ରୀମତୀ କାବେରୀ ଭୂୟାଁ | କଟକ | ୦୪ | ୦୩ |

# ଅଥୈକାଦଶସମୁଲ୍ଲାସାରମ୍ଭଃ

## ଅଥାଽଽର୍ଯ୍ୟାବର୍ତ୍ତୀୟମତଖଣ୍ଡନମଣ୍ଡନେ ବିଧାସ୍ୟାମଃ

**ପୂର୍ବାନୁକ୍ରମିକ...** **ମହର୍ଷି ଦୟାନନ୍ଦ ସରସ୍ୱତୀ**

### ରାମେଶ୍ୱର ସମୀକ୍ଷା

**ପ୍ରଶ୍ନ —** ରାମେଶ୍ୱରରେ ଗଙ୍ଗୋତ୍ରୀର ଜଳ ଢାଳିବା ସମୟରେ ସେ ଶିବଲିଙ୍ଗ ବଢ଼ି ଯାଇଥାଏ ବୋଲି ଶୁଣାଯାଏ, କ'ଣ ଏ କଥା ମଧ୍ୟ ମିଛ ?

**ଉତ୍ତର —** ହଁ, ମିଛ । କାରଣ ସେ ମନ୍ଦିରରେ ଦିନବେଳେ ମଧ୍ୟ ଅନ୍ଧାର ବ୍ୟାପି ରହିଥାଏ । ଦିନ-ରାତି ଦୀପ ଜଳୁଥାଏ । ଶିବଲିଙ୍ଗ ଉପରେ ଜଳ ଧାରା ଢାଳିବା ବେଳେ ସେ ଜଳଧାର ଉପରେ ଦୀପର ପ୍ରତିବିମ୍ବ ବିଜୁଳି ଭଳି ଚମକୁଥାଏ, ଏତଦ୍ ବ୍ୟତୀତ ଆଉ କିଛି ନୁହେଁ । ପଥର କେବେ ବଢ଼େ ନାହିଁ କି ଛିଡ଼େ ନାହିଁ, ଯେତିକିକୁ ସେତିକି ରହିଥାଏ । ଏମିତି ଅପପ୍ରଚାରରର ଲୀଳା କରି ପୂଜାରୀମାନେ ବିଚରା ନିର୍ବୁଦ୍ଧିଆଙ୍କୁ ଠକନ୍ତି ।

**ପ୍ରଶ୍ନ —** ରାମେଶ୍ୱରଙ୍କୁ ତ ରାମଚନ୍ଦ୍ର ସ୍ଥାପନ କରିଥିଲେ । ଯଦି ମୂର୍ତ୍ତିପୂଜା ବେଦବିରୁଦ୍ଧ ହୋଇଥାନ୍ତା, ତେବେ ରାମଚନ୍ଦ୍ର କିପରି ମୂର୍ତ୍ତିସ୍ଥାପନ କରିଥାଆନ୍ତେ ଓ ମହର୍ଷି ବାଲ୍ମୀକି କେମିତି ରାମାୟଣରେ ଏହା ଲେଖିଥାନ୍ତେ ?

**ଉତ୍ତର —** ଅଯୋଧ୍ୟାର ରାମଚନ୍ଦ୍ରଙ୍କ ସମୟରେ ସେ ମନ୍ଦିର କି ସେ ଲିଙ୍ଗର ଚିହ୍ନବର୍ଣ୍ଣ ମଧ୍ୟ ନ ଥିଲା । ହଁ, ଏକଥା ଠିକ୍ ଯେ ଦକ୍ଷିଣ ଦେଶର 'ରାମ' ନାମକ ଜଣେ ରାଜା ମନ୍ଦିର ତିଆରି କରି, ସେଠାରେ ଲିଙ୍ଗଟିଏ ସ୍ଥାପନ କରି ସେ ଲିଙ୍ଗର ନାମ 'ରାମେଶ୍ୱର' ବୋଲି ରଖିଥିଲେ । ଯେତେବେଳେ ଲଙ୍କା ଜୟକରି ରାମଚନ୍ଦ୍ର ସୀତାଙ୍କୁ ସାଥିରେ ନେଇ ହନୁମାନ୍ ଆଦିଙ୍କ ସହ ବିମାନରେ ଆକାଶମାର୍ଗରେ ଲଙ୍କାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିଲେ, ସେତେବେଳେ ଏହି ସ୍ଥାନ ସମ୍ପର୍କରେ ସୀତାଙ୍କୁ କହିଥିଲେ —

**ଅତ୍ର ପୂର୍ବଂ ମହାଦେବଃ ପ୍ରସାଦମକରୋଦ୍‌ବିଭୁଃ ।**
**ସେତୁବନ୍ଧ ଇତି ବିଖ୍ୟାତମ୍ ।** (ବା. ରା. ଲ. ୧୨୩:୨୦,୨୧)

ହେ ସୀତେ ! ତୁମ ବିୟୋଗରେ ଆମେ ବ୍ୟାକୁଳ ହୋଇ ବୁଲୁଥିବା ସମୟରେ ଏହି ସ୍ଥାନରେ ଚାତୁର୍ମାସ୍ୟ ବ୍ୟତୀତ କରିଥିଲୁ ଏବଂ ପରମେଶ୍ୱରଙ୍କ ଧ୍ୟାନ-ଉପାସନା ବି କରିଥିଲୁ । ସେହି ସର୍ବତ୍ର ବିଭୁ ବା ବ୍ୟାପକ ମହାନ୍ ଦେବଙ୍କ ଦେବ ମହାଦେବ ପରମାତ୍ମାଙ୍କ କୃପାରୁ ଆମକୁ ସବୁ ସାମଗ୍ରୀ ଏଠାରେ ପ୍ରାପ୍ତ ହୋଇଥିଲା । ଆଉ ଦେଖ ! ଏହି ସେତୁବନ୍ଧ ଆମେ ତିଆରି କରି ଲଙ୍କାକୁ ଯାଇ ରାବଣକୁ ମାରି ତୁମକୁ ନେଇ ଆସିଲୁ । ଏହା ବ୍ୟତୀତ ସେଠାରେ ମହର୍ଷି ବାଲ୍ମୀକି ମୂର୍ତ୍ତିସ୍ଥାପନ କି ଅନ୍ୟ କିଛି ଲେଖିନାହାନ୍ତି ।

### କାଳିଆକାନ୍ତ-ସୋମନାଥ ଆଦି ସମୀକ୍ଷା

**ପ୍ରଶ୍ନ — 'ରଙ୍ଗ ହୈ କାଲିୟାକାନ୍ତ କୋ । ଜିସ୍‌ନେ ହୁକ୍‌କା ପିଲାୟା ସନ୍ତ କୋ' ।** ଦକ୍ଷିଣ ଦେଶରେ କାଲିୟାକାନ୍ତଙ୍କ ଏକ ମୂର୍ତ୍ତି ଅଛି । ସେ ବର୍ତ୍ତମାନ ମଧ୍ୟ ହୁକ୍‌କା ପିଏ । ଯଦି ମୂର୍ତ୍ତିପୂଜା ମିଛ, ତେବେ ଏ ଚମତ୍କାର ମଧ୍ୟ ମିଛ ହେବା କଥା ।

**ଉତ୍ତର —** ମିଛ, ମିଛ, ଖାଣ୍ଟି ମିଛ । ଏସବୁ ପୋପ୍‌ଲୀଳା । ସେ ମୂର୍ତ୍ତିର ଭିତର ଅଂଶ ପୋଲା ଥିବ । ମୁଖ ଆଗପଟେ ଖୋଲା ଥିବ । ମୁଖର ଠିକ୍ ପଛପଟେ ଗୋଟିଏ କଣା ଥିବ ଓ ସେଇ କଣା ହିସାବରେ କାନ୍ଥରେ ଗୋଟିଏ ଛିଦ୍ର କରାଯାଇଥିବ । ସେଇ ଛିଦ୍ର ଦେଇ କାନ୍ଥ ପଛପଟ ବଖରାରୁ ମୂର୍ତ୍ତିର ମୁଖ ପର୍ଯ୍ୟନ୍ତ ଏକ ନଳୀ ଲାଗିଥିବ । ପୂଜାରୀ ଏଣେ ହୁକ୍‌କା ଭରି ମୂର୍ତ୍ତିର ମୁଖରେ ହୁକ୍‌କାର ନଳୀ ଲଗାଇ ପରଦା ପକାଇ ଚାଲିଆସୁଥିବ । ସେତେବେଳେ କାନ୍ଥ ପଛପଟେ ଥିବା ଲୋକ ତାହା ମୁହଁରେ ଟାଣୁଥିବ ଓ ଏପଟେ ହୁକ୍‌କାର ଘୁଡୁ-ଘୁଡୁ ଶବ୍ଦ ଶୁଭୁଥିବ । ସେହିପରି ଦ୍ୱିତୀୟ ଛିଦ୍ର ନାକ ଓ ମୁଖ ସହ ଲାଗିଥିବ । ଯେତେବେଳେ ହୁକ୍‌କା ଟାଣି ପଛପାଖର ଲୋକ ପାଟିର ଧୂଆଁ ଦ୍ୱିତୀୟ ଛିଦ୍ର ଦେଇ ଛାଡୁଥିବ, ସେତେବେଳେ ମୂର୍ତ୍ତିର ପାଟିରୁ ଓ ନାକରୁ ଧୂଆଁ ବାହାରିବା ଦେଖାଯାଉଥିବ । ଏ ଫିସାଦି ଦ୍ୱାରା ସେତେବେଳେ ଏ ଧୂର୍ତ୍ତ ପୋପ୍‌ମାନେ ମୂର୍ଖ ଲୋକଙ୍କଠାରୁ ଧନାଦି ପଦାର୍ଥ ଲୁଣ୍ଠନ କରି ସେମାନଙ୍କୁ ହାଲୁକା କରିଦେଉଥିବେ ।

**ପ୍ରଶ୍ନ —** ଦେଖ, **ଡାକୋର**ଙ୍କ ମୂର୍ତ୍ତି ଦ୍ୱାରିକାରୁ ଭକ୍ତଙ୍କ ସହ ଚାଲିଆସିଥିଲେ । ତରାଜୁର ଏକ ପଲାରେ ଥିବା ସଉଆ ରତି ସୁନାରେ କେତେ ମହଣର ମୂର୍ତ୍ତି ଓଜନ ହୋଇଯାଇଥିଲେ । କ'ଣ ଏହା ବି ଚମତ୍କାର ନୁହେଁ ?

**ଉତ୍ତର —** ନା । ସେହି ଭକ୍ତ ସେ ମୂର୍ତ୍ତିକୁ ଚୋରି କରି ନେଇଆସିଥିବ । ଦ୍ୱିତୀୟରେ, ସଉଆ ରତି ଓଜନ ସହ ମୂର୍ତ୍ତିର ଓଜନ ସମାନ ହୋଇଯାଇଥିବା କଥା କୌଣସି ଗଞ୍ଜୋଡ଼ ଗପ ମାରିଦେଇଥିବ ।

**ପ୍ରଶ୍ନ —** ଦେଖ ! **ସୋମନାଥ**ଙ୍କ ମୂର୍ତ୍ତି ଭୂଇଁରୁ ଉପରେ, ଶୂନ୍ୟରେ ରହୁଥିଲା ଓ ଏହା ଦୈବୀ ଚମତ୍କାର ଥିଲା । କ'ଣ ଏହା ବି ମିଛ କଥା ?

**ଉତ୍ତର —** ହଁ, ମିଛ କଥା । କାରଣ ତାହା ଲୁହାର ପୋଲା ମୂର୍ତ୍ତି ଥିଲା । ଶୁଣ ! ମନ୍ଦିରରେ ମୂର୍ତ୍ତି ରହିବା ସ୍ଥାନରେ ତଳେ ଓ ଉପରେ ଚୁମ୍ବକ ଲଗାଯାଇଥିଲା । ଚୁମ୍ବକର ଆକର୍ଷଣରେ ସେ ମୂର୍ତ୍ତି ଶୂନ୍ୟରେ ଝୁଲି ରହିଥିଲା । ଗଜନୀର ମାମୁଦ୍ ଆସି ଯେତେବେଳେ ଆକ୍ରମଣ କଲା, ସେତେବେଳେ ବାସ୍ତବିକ ଚମତ୍କାର ଏଇଆ ହେଲା ଯେ ସେହି ମନ୍ଦିର ଭଗ୍ନ ହେଲା ଏବଂ ପୂଜାରୀ ଓ ଭକ୍ତଙ୍କ ଚରମ ଦୁର୍ଦ୍ଦଶା ଘଟିଲା ଏବଂ ଭାରତୀୟ ଲକ୍ଷ-ଲକ୍ଷ ସୈନିକ ମାମୁଦ୍‌ଙ୍କ ଦଶ ହଜାର ସୈନ୍ୟଙ୍କୁ ଡରି ପଳାୟନ କଲେ । ପୋପ୍, ପୂଜାରୀ ପୂଜା, ପୁରଶ୍ଚରଣ, ସ୍ତୁତି, ପ୍ରାର୍ଥନା କରୁଥିଲେ କି — 'ହେ ମହାଦେବ ! ଆପଣ ଏହି ମ୍ଳେଚ୍ଛଙ୍କୁ ସଂହାର କରିଦିଅନ୍ତୁ, ଆମକୁ ରକ୍ଷା କରନ୍ତୁ ।' ଏବଂ ନିଜର ଚେଲା ରାଜାଙ୍କୁ ବୁଝାଉଥିଲେ କି 'ଆପଣ ନିଶ୍ଚିତ ରହନ୍ତୁ । ମହାଦେବ ଭୈରବ କିମ୍ବା ବୀରଭଦ୍ରଙ୍କୁ ପଠାଇଦେବେ । ସେମାନେ ସବୁ ମ୍ଳେଚ୍ଛଙ୍କୁ ମାରିଦେବେ ଅଥବା ସେମାନଙ୍କୁ ଅନ୍ଧ କରିଦେବେ । ବର୍ତ୍ତମାନ ଆମର ଦେବତା ପ୍ରକଟ ହେବାକୁ ଯାଉଛନ୍ତି । ହନୁମାନ, ଦୁର୍ଗା ଓ ଭୈରବ ସ୍ୱପ୍ନରେ ଅଭୟ ଦେଲେ ଯେ ଆମେ ସବୁ କାମ କରିଦେବୁ ।' ବିଚରା ସେ ସରଳ ବିଶ୍ୱାସୀ ରାଜା ଓ କ୍ଷତ୍ରିୟମାନେ ପୋପ୍‌ମାନଙ୍କ ମନଗଢ଼ା କଥାକୁ ବିଶ୍ୱାସ କରି ରହିଲେ । ଅନେକ ଜ୍ୟୋତିଷୀ ପୋପ୍‌ମାନେ କହିଲେ ଯେ ବର୍ତ୍ତମାନ ଶତ୍ରୁ ଉପରେ ଆକ୍ରମଣ କରିବାର ମୁହୂର୍ତ୍ତ ନାହିଁ । ଜଣେ କହିଲା ଅଷ୍ଟମରେ ଚନ୍ଦ୍ର ଅଛି, ଆଉ ଜଣେ ସାମ୍‌ନାରେ ଯୋଗିନୀ ଦେଖାଇଲା ଇତ୍ୟାଦି ମୂର୍ଖତାପୂର୍ଣ୍ଣ ପ୍ରରୋଚନାରେ ରାଜା ନିରୁଦ୍ୟମ ହୋଇ ରହିଲେ ।

ଯେତେବେଳେ ମ୍ଳେଚ୍ଛମାନଙ୍କ ସେନା ଚତୁର୍ଦ୍ଦିଗରୁ ଘେରିଗଲେ, ସେତେବେଳେ ଦୁର୍ଦ୍ଦଶାରେ ପଡ଼ି ପଳାୟନ କଲେ । ବହୁତ ପୋପ୍-ପୂଜାରୀ ଓ ସେମାନଙ୍କ ଚେଲାମାନେ ଧରାପଡ଼ିଲେ । ପୂଜାରୀମାନେ ହାତ ଯୋଡ଼ି ମାମୁଦ୍‌ଙ୍କୁ

ଏହା ବି ନିବେଦନ କଲେ କି — **'ତିନି କୋଟି ଟଙ୍କା ନେଇଯାଅ; କିନ୍ତୁ ମନ୍ଦିର ଓ ମୂର୍ତ୍ତିକୁ ଭାଙ୍ଗ ନାହିଁ ।'** ମୁସଲମାନମାନେ କହିଲେ — "ଆମେ 'ବୁତ୍‌ପରସ୍ତ' ନୋହୁଁ, 'ବୁତ୍‌ଶିକନ୍' ଅର୍ଥାତ୍ ଆମେ ମୂର୍ତ୍ତିପୂଜକ ନୋହୁଁ, ବରଂ ମୂର୍ତ୍ତିଭଞ୍ଜକ ଅଟୁ ।" ଏହା କହି ତତ୍‌କ୍ଷଣାତ୍ ମନ୍ଦିରକୁ ଭାଙ୍ଗିଦେଲେ । ଯେତେବେଳେ ଉପର ଛାତ ଭାଙ୍ଗିଦେଲେ, ସେତେବେଳେ ଉପର ଦିଗରେ ଖଞ୍ଜାଯାଇଥିବା ଚୁମ୍ବକ ଖସିପଡ଼ିବାରୁ ମୂର୍ତ୍ତି ବି ଖସିପଡ଼ିଲା । ଯେତେବେଳେ ସେ ମୂର୍ତ୍ତିକୁ ଭାଙ୍ଗିଲେ, ଶୁଣାଯାଏ ଯେ ତା' ଭିତରୁ ଅଠର କୋଟି ଟଙ୍କାର ରତ୍ନ ବାହାରିଲା । ଯେତେବେଳେ ପୋପ୍-ପୂଜାରୀଙ୍କ ପିଠିରେ ଚାବୁକ୍ ପଡ଼ିଲା, ସେତେବେଳେ ବଡ଼ ବିକଳରେ ରଡ଼ିଛାଡ଼ିଲେ । ମୁସଲମାନମାନେ ପଚାରିଲେ, 'ମନ୍ଦିରର ରତ୍ନଭଣ୍ଡାର କେଉଁଠି ?' ମାଡ଼ ଭୟରେ ତୁରନ୍ତ ସବୁ ବତାଇଦେଲେ । ସେମାନେ ସମଗ୍ର କୋଷ ଲୁଣ୍ଠନ କରି ନେଇଗଲେ । ମାର-ପିଟ୍ କରି ପୋପ୍ ଓ ସେମାନଙ୍କ ଚେଲାମାନଙ୍କୁ 'ଗୋଲାମ', ବେଠିଆ କରି ତାଙ୍କ ଦ୍ୱାରା ଘଣା ପେଲାଇଲେ, ଘାସ କଟାଇଲେ, ମଳ-ମୂତ୍ର ସଫା କରାଇଲେ ଓ ତା' ବଦଳରେ ସେମାନଙ୍କୁ କେବଳ ଚଣା ଖାଇବାକୁ ଦେଲେ ।

**ହାୟ ! କାହିଁକି ପଥରକୁ ପୂଜା କରି ସତ୍ୟାନାଶକୁ ପ୍ରାପ୍ତ ହେଲେ ? କାହିଁକି ଯଥାର୍ଥ ଈଶ୍ୱରଙ୍କୁ ଭକ୍ତି କଲେ ନାହିଁ ? ଯଥାର୍ଥ ଈଶ୍ୱରଙ୍କ ଉପାସନା କରିଥିଲେ ଆତ୍ମବିଶ୍ୱାସୀ ହୋଇଥାନ୍ତେ ଏବଂ ଦେଶ-ସଂସ୍କୃତି ଉପରେ ଆକ୍ରମଣକାରୀ ମ୍ଲେଚ୍ଛମାନଙ୍କ ମୁଣ୍ଡ ଗଡ଼େଇ ଦେଇ ନିଜର ବିଜୟ ବୈଜୟନ୍ତୀ ଉଡ଼ାଇଥାନ୍ତେ । ଦେଖ ! ଯେତିକି ମୂର୍ତ୍ତିମାନଙ୍କୁ ପୂଜା କଲେ, ସେତିକି ଶୂରବୀରଙ୍କୁ ଯଦି ପୂଜା କରିଥାନ୍ତେ ତେବେ ବି କେତେ ସୁରକ୍ଷା ହେଇଥାନ୍ତା ! ପୂଜାରୀମାନେ ଏ ପଥରଗୁଡ଼ିକୁ ଏତେ ଭକ୍ତି କଲେ; କିନ୍ତୁ ମାଡ଼ ଖାଇଲା ବେଳେ ଗୋଟିଏ ବି ମୂର୍ତ୍ତି ଏମାନଙ୍କ ପିଠିରେ ପଡ଼ିଲେ ନାହିଁ; ଗୋଟିଏ ବି ପଥର ମୂର୍ତ୍ତି ଶୂନ୍ୟରେ ଉଡ଼ି ମ୍ଲେଚ୍ଛଙ୍କ ମୁଣ୍ଡରେ ପଡ଼ିଲେ ନାହିଁ । ଏ ପୂଜାରୀମାନେ ମୂର୍ତ୍ତିକୁ ପୂଜା-ସେବା କଲା ଭଳି ଯଦି ଜଣେ ବି ଶୂରବୀରଙ୍କ ସେବା କରିଥାନ୍ତେ, ତେବେ ସେ ବୀର ନିଜ ସେବକମାନଙ୍କୁ ଯଥାଶକ୍ତି ରକ୍ଷା କରନ୍ତେ ଓ ଶତ୍ରୁମାନଙ୍କୁ ବିନାଶ କରିଥାନ୍ତେ ।**

## ଦ୍ୱାରିକା-ଜ୍ୱାଳାମୁଖୀ ଆଦି ସମୀକ୍ଷା

**ପ୍ରଶ୍ନ —** ଦ୍ୱାରିକାର **'ରଣଛୋଡ଼'**, ଯିଏକି ନାର୍‌ସୀ ମେହେଟାଙ୍କ ପାଖକୁ 'ହୁଣ୍ଡି' ବା ଟଙ୍କା ଦେବାର ବରାଦୀ ପତ୍ର ପଠାଇଦେଲେ ଏବଂ ତାଙ୍କ ଋଣ ବି ଶୁଝି ଦେଇଥିଲେ, ଇତ୍ୟାଦି କଥା ବି କ'ଣ ମିଛ ?

**ଉତ୍ତର —** କୌଣସି ସାହୁକାର ଟଙ୍କା ଦେଇଦେଇଥିବେ । ଆଉ କୌଣସି ଧୂର୍ତ୍ତ ମିଛ ପ୍ରଚାର କରିଦେଇଥିବ ଯେ ଟଙ୍କା ଶ୍ରୀକୃଷ୍ଣ ପଠାଇଥିଲେ । **୧୯୧୪ ସମ୍ବତ୍‌ରେ ଯେତେବେଳେ ଇଂରେଜମାନେ ତୋପ ଦ୍ୱାରା ମନ୍ଦିର-ମୂର୍ତ୍ତି ସବୁ ଉଡ଼ାଇ ଦେଲେ, ସେତେବେଳେ ମୂର୍ତ୍ତିସବୁର ଶକ୍ତି କୁଆଡ଼େ ଯାଇଥିଲା ? ବରଂ ବାଘେର ଯୋଦ୍ଧାମାନେ ଯେମିତି ବୀରତ୍ୱ ପ୍ରଦର୍ଶନ କଲେ, ଶତ୍ରୁ ସହ ଯୁଦ୍ଧ କଲେ, ଶତ୍ରୁମାନଙ୍କୁ ନିପାତ କଲେ ତାହା ପ୍ରଶଂସନୀୟ; 'କିନ୍ତୁ ମୂର୍ତ୍ତିସବୁ ତ ଗୋଟିଏ ମାଛିର ଗୋଡ଼ ବି ଭାଙ୍ଗିପାରିଲେ ନାହିଁ ।' ଯଦି ଶ୍ରୀକୃଷ୍ଣଙ୍କ ପରି କୌଣସି ବୀର ଥାଆନ୍ତେ ତେବେ ଏମାନଙ୍କ ପାଣି ବାହାର କରିଦେଇଥାନ୍ତେ ଓ ଏମାନେ ପଳାଇଯିବାକୁ ବାଟ ପାଆନ୍ତେ ନାହିଁ । ଆଚ୍ଛା, କହିଲ ଦେଖି, ଯାହାର ରକ୍ଷକ ସ୍ୱୟଂ ମାଡ଼ ଖାଏ, ତା'ର ଶରଣାଗତ କାହିଁକି ଛେଚା ନ ଖାଇବ ?**

**ପ୍ରଶ୍ନ — ଜ୍ୱାଳାମୁଖୀ** ତ ପ୍ରତ୍ୟକ୍ଷ ଦେବୀ । ସମସ୍ତଙ୍କୁ ଖାଇଯାନ୍ତି । ଆଉ ପ୍ରସାଦ ଦେଲେ ଅଧା ଖାଆନ୍ତି ଓ ଅଧା ଛାଡ଼ିଦିଅନ୍ତି । ମୁସଲମାନ ବାଦଶାହାମାନେ ତାଙ୍କ ଉପରେ ଜଳର କେନାଲ ଛାଡ଼ିଲେ ଏବଂ ଲୁହାର ତାଉଆ ଛାଉଣି କରିଥିଲେ । ତଥାପି ଜ୍ୱାଳା ନିର୍ବାପିତ ହେଲା ନାହିଁ, ବନ୍ଦ ହେଲା ନାହିଁ । ସେହିପରି **ହିଙ୍ଗଲାଜ** ଦେବୀ ମଧ୍ୟ ଅଧରାତିରେ ଘୋଡ଼ା ଚଢ଼ି ପାହାଡ଼ ଉପରେ ଦେଖାଯାଆନ୍ତି, ପର୍ବତରେ ଗର୍ଜନ କରନ୍ତି । 'ଚନ୍ଦ୍ରକୂପ' ନାମକ କୂଅ କଥା କହେ । ଯୋନିଯନ୍ତ୍ର ମଧ୍ୟ ଦେଇ ବାହାରିଗଲେ ଆଉ ପୁନର୍ଜନ୍ମ ହୁଏ ନାହିଁ । 'ଠୁମରା' ବାନ୍ଧିଲେ କୌଣସି ବ୍ୟକ୍ତିକୁ ପୂର୍ଣ୍ଣ ମହାପୁରୁଷ କୁହାଯାଏ । ହିଙ୍ଗଲାଜ ନ ଗଲା ପର୍ଯ୍ୟନ୍ତ ବ୍ୟକ୍ତି ଅଧା ମହାପୁରୁଷ ବୋଲାଇଥାଏ, ଇତ୍ୟାଦି କଥାଗୁଡ଼ିକ କ'ଣ ମାନିବା ଯୋଗ୍ୟ ନୁହେଁ ?

**ଉତ୍ତର —** ନା । କାରଣ ଜ୍ୱାଳାମୁଖୀ କୌଣସି ଦେବୀ ନୁହେଁ, ପାହାଡ଼ରୁ ନିର୍ଗତ ଅଗ୍ନି । ସେଥିରେ ପୋପ୍-ପୂଜାରୀଙ୍କ ବିଚିତ୍ର ଲୀଳା ରହିଛି । ଯେମିତିକି ଛୁଙ୍କ କାମ ପାଇଁ ବ୍ୟବହାର କରାଯାଇଥିବା ଘିଅର ଚାମଚ ଅଗ୍ନି ସଂସ୍ପର୍ଶରେ ଆସିଲେ ତାହା ଜଳିଉଠେ, ନିଆଁରୁ ତାକୁ ଅଲଗା କରିଦେଲେ ବା ଫୁଙ୍କିଦେଲେ ନିଆଁ ଲିଭିଯାଏ, ଚାମଚରେ ଥିବା ଅଳ୍ପକିଛି ଘିଅ ଜଳିଯାଇ ବଳକା ରହି ଯାଇଥାଏ, ସେ ଜ୍ୱାଳାମୁଖୀଠାରେ ବି ସେହିଭଳି ଘଟିଥାଏ । ଚୁଲିର ପ୍ରଜ୍ୱଳିତ ନିଆଁରେ ଯାହା କିଛି ପକାଇଲେ ଯେପରି ସବୁ ଭସ୍ମ ହୋଇଯାଏ, ଜଙ୍ଗଲରେ ବା ଘରେ ନିଆଁ ଲାଗିଲେ ଅଗ୍ନି ଯେପରି ସବୁ ଖାଇଯାଏ, ଜ୍ୱାଳାମୁଖୀରେ ବି ତାହା ହିଁ ଘଟିଥାଏ । ଜ୍ୱାଳାମୁଖୀରେ ଆଉ କ'ଣ ବିଶେଷତ୍ୱ ଅଛି କେବଳ ଏକ ମନ୍ଦିର, କୁଣ୍ଡ ଓ ଏଣେ-ତେଣେ କେତୋଟି ନଳ ବ୍ୟତୀତ ? ହିଙ୍ଗଲାଜରେ କୌଣସି ଦେବୀ ଘୋଡ଼ା ଚଢ଼ି ବୁଲିବା କଥା ହୁଏ ନାହିଁ । ଆଉ ଯାହା କିଛି ସେଠାରେ ହୁଏ, ସେସବୁ ପୋପ୍-ପୂଜାରୀଙ୍କ ଲୀଳା ଛଡ଼ା ଆଉ କିଛି ନୁହେଁ । ଜଳ ଓ ପଙ୍କର ଏକ କୁଣ୍ଡ ତିଆରି କରିଛନ୍ତି, ଯାହା ତଳରୁ ବୁଦ୍‌ବୁଦ୍ ଉପରକୁ ଉଠୁଥାଏ । ତାକୁ ଦେଖିବାକୁ ଯାଇ ସଫଳଯାତ୍ରା ବୋଲି ମୂଢ଼ମାନେ ମାନନ୍ତି । ପୋପ୍‌ମାନେ ଧନ ହରଣ କରିବା ପାଇଁ ଯୋନିଯନ୍ତ୍ର ନାମରେ ଏକ ଯନ୍ତ୍ର ତିଆରି କରିଛନ୍ତି । ଠୁମରା ମଧ୍ୟ ଏପରି ହିଁ ପୋପ୍‌ଲୀଳା । ଠୁମରା ବାନ୍ଧିଲେ ଯଦି କେହି ମହାପୁରୁଷ ହୋଇଯାଏ, ତେବେ ଗୋଟିଏ ପଶୁ ଉପରେ ଠୁମରାର ଏକ ବୋଝ ଲଦିଦେଲେ ସେ କ'ଣ ମହାପୁରୁଷ ହୋଇଯିବ ? **ମହାପୁରୁଷ ତ ବଡ଼ ଉତ୍ତମ ଧର୍ମଯୁକ୍ତ ପୁରୁଷାର୍ଥ ଦ୍ୱାରା ହୋଇଥାଏ ।**

**ପ୍ରଶ୍ନ — ଅମୃତସର**ର ପୋଖରୀର ଜଳ ଅମୃତ ସ୍ୱରୂପ; ଗୋଟିଏ ସ୍ଥାନରେ ରୀଠା ନାମକ ଫଳ ଅଛି ଯାହା କି ଅଧା ଭାଗ ମିଠା । ଗୋଟିଏ ଜାଗାରେ କାନ୍ଥ ଅଛି ଯାହାକି ନଇଁଯାଏ; କିନ୍ତୁ ପଡ଼ିଯାଏ ନାହିଁ । **ରେବାଲ୍‌ସର**ରେ ଜଳ ଉପରେ ପଥର ଭେଳା ଭାସେ । **ଅମରନାଥ**ରେ ଲିଙ୍ଗ ଆପେ-ଆପେ ତିଆରି ହୋଇଯାଏ । ହିମାଳୟରୁ ଦୁଇଟି କପୋତ ଆସି ସମସ୍ତଙ୍କୁ ଦର୍ଶନ ଦେଇ ଚାଲିଯାଆନ୍ତି - କ'ଣ ଏସବୁ ଦୈବୀ ଚମତ୍କାର ବି ମାନ୍ୟ ନୁହେଁ ?

**ଉତ୍ତର —** ନା । ସେହି ପୋଖରୀର କେବଳ ନାଆଁଟି ଅମୃତସର । ଯେତେବେଳେ କେବେ ସେ ସ୍ଥାନରେ ଜଙ୍ଗଲ ରହିଥିବ, ସେତେବେଳେ ତା'ର ଜଳ ବୋଧହୁଏ ମଧୁର ଥିବ । ତେଣୁ ତା'ର ନାମ **'ଅମୃତସର'** ରହିଥିବ । ଯଦି ବାସ୍ତବରେ ସେ ପୋଖରୀରେ ଅମୃତ ଥାଆନ୍ତା, ତେବେ ପୌରାଣିକଙ୍କ ମତ ଅନୁସାରେ ସେ ପାଣି ପିଇବା ଲୋକ କେହି ବି ମରିନଥାନ୍ତେ । ଯେଉଁ ରୀଠା ଫଳ କଥା ପ୍ରଶ୍ନ କରାଯାଇଛି, ତାହାକୁ ହୁଏତ କଲମୀ କରାଯାଇଥିବ, ଅଥବା ଏ କଥା ମିଛଗପ ହୋଇଥିବ । ଯେଉଁ କାନ୍ଥ କଥା ପଚରାଯାଇଛି ସମ୍ଭବତଃ ତା'ର ନିର୍ମାଣଶୈଳୀ ଏପରି ହୋଇଥିବ, ଯଦ୍ୱାରା କି ତାହା ନଇଁ ଯାଉଥିବ; କିନ୍ତୁ ଭାଙ୍ଗି ପଡୁନଥିବ । **ରେବାଲ୍‌ସର**ର ପଥର ଭେଳା ଭାସିବା

ପଛରେ କିଛି କାରିଗରୀ କୌଶଳ ଥିବ । ଅମରନାଥରେ ତ ବରଫର ପୂରା ପାହାଡ଼ ତିଆରି ହୋଇଯାଏ । ତେଣୁ ଜଳ ଜମାଟ ବାନ୍ଧି ଛୋଟ ଲିଙ୍ଗଟିଏ ତିଆରି ହେବା କେଉଁ ଆଶ୍ଚର୍ଯ୍ୟର କଥା ? ତା' ଛଡ଼ା କପୋତ ଦର୍ଶନ ଦେବା କଥାର ବାସ୍ତବିକତା ହେଲା ଯେ ସେଠାରେ କେହି ଦୁଇଟି କପୋତ ପାଳିଥିବ ଓ ପାହାଡ଼ର ଉହାଡ଼ରେ ରହି ଛାଡ଼ି ଦେଉଥିବ । ଯଥା ସମୟରେ ସେମାନେ ପୁଣି ନିଜ ବସାକୁ ଚାଲିଯାଉଥିବେ । ଏସବୁ ଚମତ୍କାର କହି କୌଣସି ଧୂର୍ତ୍ତ ଲୋକଙ୍କ ଟଙ୍କା ହରଣ କରୁଥିବ ।

**ପ୍ରଶ୍ନ — 'ହରିଦ୍ୱାର'** ସ୍ୱର୍ଗର ଦ୍ୱାର, **'ହର କୀ ପୌଡ଼ୀ'ରେ ସ୍ନାନ କଲେ ପାପ କ୍ଷୟ ହୋଇଯାଏ । 'ତପୋବନ'**ରେ ବାସ କଲେ ବ୍ୟକ୍ତି ତପସ୍ୱୀ ହୋଇଯାଏ । **'ଦେବପ୍ରୟାଗ'**, ଗଙ୍ଗୋତ୍ରୀରେ **'ଗୋମୁଖ'**, ଉତ୍ତରକାଶୀରେ **'ଗୁପ୍ତକାଶୀ'**, **'ତ୍ରିଯୁଗୀନାରାୟଣ'**ଙ୍କ ଦର୍ଶନ ମିଳେ । **'କେଦାରନାଥ'** ଓ **'ବଦ୍ରିନାରାୟଣ'**ଙ୍କ ପୂଜା ଛଅ ମାସ ମନୁଷ୍ୟ ଓ ଛଅ ମାସ ଦେବତାମାନେ କରନ୍ତି । ମହାଦେବଙ୍କ ମୁଖ ନେପାଳର **ପଶୁପତି** ଠାରେ; ଗଣ୍ଡି **କେଦାର**ରେ; **ତୁଙ୍ଗନାଥ**ଠାରେ ଜାନୁ ଓ ପାଦ **ଅମରନାଥ**ରେ ରହିଛି । ଏସବୁ ଦର୍ଶନ-ସ୍ପର୍ଶନ ଓ ଏହି ସ୍ଥାନରେ ସ୍ନାନ କଲେ ମୁକ୍ତି ହୋଇଯାଏ । ତା'ଛଡ଼ା କେଦାର ଓ ବଦ୍ରିଠାରେ କେହି ସ୍ୱର୍ଗକୁ ଯିବାକୁ ଚାହିଁଲେ ଯାଇପାରେ । ଏସବୁ କଥାର ବାସ୍ତବିକତା କ'ଣ ?

**ଉତ୍ତର — 'ହରିଦ୍ୱାର'** ହେଉଛି ଉତ୍ତରସ୍ଥ ପର୍ବତକୁ ଯିବା ପାଇଁ ଏକ ମାର୍ଗର ଆରମ୍ଭ ସ୍ଥଳ । **'ହର କୀ ପୌଡ଼ୀ'** ହେଲା ସ୍ନାନ ନିମନ୍ତେ ଏକ କୁଣ୍ଡକୁ ଯିବା ପାଇଁ ନିର୍ମିତ ସୋପାନଶ୍ରେଣୀ । ଯଥାର୍ଥରେ କହିବାକୁ ଗଲେ ଏହା ହେଉଛି **'ହାଡ଼ ପୌଡ଼ୀ'** ଅର୍ଥାତ୍ ହାଡ଼ର ପାହାଚ । କାରଣ ଦେଶର ବିଭିନ୍ନ ଅଞ୍ଚଳରୁ ମୃତବ୍ୟକ୍ତିଙ୍କ ହାଡ଼ ଲୋକେ ଏଇଠି ପକାଇଥାନ୍ତି । ପାପର ଫଳ ଭୋଗ ନ ହୋଇ ପାପ କେବେ ବି କେଉଁଠି ଧୋଇଯାଏ ନାହିଁ କି କ୍ଷୟ ଯାଏ ନାହିଁ । ଯାହାକୁ **'ତପୋବନ'** କୁହାଯାଉଛି ଅତୀତରେ ସେଠାରେ ଯଦି କେବେ ବାସ୍ତବରେ ତପୋବନ ରହିଥିବ ତେବେ ତାହା ତପୋବନ ହୋଇଥିବ; କିନ୍ତୁ ବର୍ତ୍ତମାନ ତ ତାହା **'ଭିକ୍ଷୁକବନ'** ରୂପରେ ଅଛି । ତା'ଛଡ଼ା 'ତପୋବନ'କୁ ଯିବା, ସେଠାରେ ରହିବା ମାତ୍ରକେ କେହି ତପସ୍ୱୀ ହୋଇଯାଏ ନାହିଁ; ବରଂ ତପଃ ଆଚରଣ କଲେ ବ୍ୟକ୍ତି ତପସ୍ୱୀ ହୁଏ । କାହିଁକିନା ସେହି ତପୋବନରେ ଅନେକ ମିଥ୍ୟାବାଦୀ ବ୍ୟବସାୟୀ ବି ରହୁଛନ୍ତି ।

**'ହିମବତଃ ପ୍ରଭବତି ଗଙ୍ଗା'** ହିମାଳୟର ଗଙ୍ଗୋତ୍ରୀରୁ ଜଳ ପଡ଼ି ଗଙ୍ଗା ବହିଯାଉଛି । ଲୋକଙ୍କ ଠାରୁ ଧନ ଠକିବା ପାଇଁ ପୋପ୍‌ଲୀଳାରେ କୌଣସି ଧୂର୍ତ୍ତଲୋକ ସେହି ସ୍ଥାନଟିକୁ ଗୋମୁଖ ଆକାରର ନିର୍ମାଣ କରିଥିବ । ଆଉ ସେହି ପାହାଡ଼ ହିଁ ପୋପ୍(ଠକ ପୁରୋହିତ)ମାନଙ୍କ ସ୍ୱର୍ଗ । ହିମାଳୟର ଉତ୍ତରକାଶୀ ଆଦି ଅଞ୍ଚଳ ଧ୍ୟାନୀ-ଯୋଗୀଙ୍କ ପାଇଁ ଅତ୍ୟନ୍ତ ଅନୁକୂଳ ସ୍ଥାନ; କିନ୍ତୁ ବ୍ୟାପାରୀଙ୍କ ପାଇଁ ସେ ସ୍ଥାନ ମଧ୍ୟ ବ୍ୟାପାରସ୍ଥଳୀ । ଦେବପ୍ରୟାଗର ମାହାତ୍ମ୍ୟ ପୁରାଣର ଗାଲୁଆ ଗପୁଡ଼ିମାନଙ୍କର ଲୀଳା ଅର୍ଥାତ୍ 'ଅଳକାନନ୍ଦା ଓ ଗଙ୍ଗାର ସଙ୍ଗମ ସ୍ଥଳକୁ ଏଇଥିପାଇଁ ଦେବପ୍ରୟାଗ କହନ୍ତି କାରଣ ସେଠାରେ ଦେବତାମାନେ ବାସ କରନ୍ତି' - ଏପରି ଗାଲୁ ଗପ ନ କହିଲେ ସେଠାକୁ କେହି ଯିବେ ନା ପଣ୍ଡା-ପୁରୋହିତଙ୍କୁ ଟଙ୍କା-ପଇସା ଦେବେ ? ଉତ୍ତରକାଶୀରେ ଯେଉଁ **'ଗୁପ୍ତକାଶୀ'** କଥା କୁହାଯାଇଛି, ତାହା ତ ଗୁପ୍ତ ହୋଇ ନାହିଁ, ତାହା ତ ସମସ୍ତଙ୍କ ଆଗରେ ପ୍ରସିଦ୍ଧ କାଶୀ । 'ତ୍ରିଯୁଗୀନାରାୟଣ'ରେ ତିନି ଯୁଗର ଧୁନି ତ ଦେଖାଯାଏ ନାହିଁ; କିନ୍ତୁ ପୋପ୍‌ମାନଙ୍କର ଦଶ-କୋଡ଼ିଏ ପୁରୁଷର ଧୁନି ବୋଧହୁଏ ହୋଇଥିବ, ଯେମିତିକି ଖାଖୀମାନଙ୍କର ଧୁନି ଓ ପାର୍ସୀମାନଙ୍କର 'ଅଗ୍ୟାରୀ'(ଅଗ୍ନି ମନ୍ଦିର) ସବୁବେଳେ ଜଳୁଥାଏ । ତପ୍ତକୁଣ୍ଡରେ ଉଷ୍ଣପ୍ରସ୍ରବଣ ରହିଛ, ପାହାଡ଼

**ଅବଶିଷ୍ଟାଂଶ ପୃଷ୍ଠା-୧୩ରେ...**

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– ‘ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି’** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ ‘ବେଦ’ ବା ‘ଶ୍ରୁତି’ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ ‘ଶ୍ରୁତିସୌରଭ’ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି। ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୫୧୬ | ୩୨୮ | ୮୪୪ | ୧୭. | ଜଗତସିଂହପୁର | ୨୪ | ୦୭ | ୩୧ |
| ୦୨. | ଖୋର୍ଦ୍ଧା | ୩୨୨ | ୧୧୩ | ୪୩୫ | ୧୮. | ବୌଦ୍ଧ | ୨୨ | ୪୫ | ୬୭ |
| ୦୩. | କଟକ | ୨୮୫ | ୧୫୯ | ୪୪୪ | ୧୯. | ଭଦ୍ରକ | ୨୨ | ୨୫ | ୪୭ |
| ୦୪. | ସୁନ୍ଦରଗଡ଼ | ୨୩୮ | ୨୩୭ | ୪୭୫ | ୨୦. | ନୟାଗଡ଼ | ୨୨ | ୧୭ | ୩୯ |
| ୦୫. | ବରଗଡ଼ | ୨୧୪ | ୧୬୭ | ୩୮୧ | ୨୧. | ଢେଙ୍କାନାଳ | ୨୦ | ୩୧ | ୫୧ |
| ୦୬. | ବଲାଙ୍ଗିର | ୯୯ | ୭୪ | ୧୭୩ | ୨୨. | ଝାରସୁଗୁଡ଼ା | ୧୮ | ୦୨ | ୨୦ |
| ୦୭. | କୋରାପୁଟ | ୮୯ | ୨୮ | ୧୧୭ | ୨୩. | କଳାହାଣ୍ଡି | ୧୫ | ୦୩ | ୧୮ |
| ୦୮. | ସୁବର୍ଣ୍ଣପୁର | ୭୩ | ୯୦ | ୧୬୩ | ୨୪. | କେନ୍ଦୁଝର | ୧୫ | ୦୧ | ୧୬ |
| ୦୯. | ରାୟଗଡ଼ା | ୬୦ | ୨୮ | ୮୮ | ୨୫. | ଗଜପତି | ୦୯ | ୦୭ | ୧୬ |
| ୧୦. | ସମ୍ବଲପୁର | ୫୭ | ୫୧ | ୧୦୮ | ୨୬. | ଯାଜପୁର | ୦୮ | ୦୪ | ୧୨ |
| ୧୧. | ଅନୁଗୁଳ | ୫୪ | ୨୯ | ୮୩ | ୨୭. | କେନ୍ଦ୍ରାପଡ଼ା | ୦୭ | ୦୬ | ୧୩ |
| ୧୨. | ମୟୂରଭଞ୍ଜ | ୫୦ | ୪୩ | ୯୩ | ୨୮. | ଦେବଗଡ଼ | ୦୫ | ୦୧ | ୦୬ |
| ୧୩. | ବାଲେଶ୍ୱର | ୪୩ | ୦୯ | ୫୨ | ୨୯. | ନୂଆପଡ଼ା | ୦୨ | ୦୪ | ୦୬ |
| ୧୪. | କନ୍ଧମାଳ | ୪୪ | ୯୭ | ୧୪୧ | ୩୦. | ନବରଙ୍ଗପୁର | ୦୧ | ୦୧ | ୦୨ |
| ୧୫. | ପୁରୀ | ୩୯ | ୦୧ | ୪୦ | ୩୧. | ଅନ୍ୟାନ୍ୟ | ୫୭ | ୦୮ | ୬୫ |
| ୧୬. | ମାଲକାନଗିରି | ୩୩ | ୮୧ | ୧୧୪ | | **ମୋଟ** | **୨୪୬୪** | **୧୭୦୭** | **୪୧୭୧** |

‘ଶ୍ରୁତିସୌରଭ’ ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି। ବର୍ତ୍ତମାନ

ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୧୦୮ | ୧୫ | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୪ | ୧୮ |
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୮୫ | ୦୪ | ଇଂ. କାଳୁଚରଣ ବେହେରା | କଟକ | ୧୪ | ୦୦ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୭୦ | ୧୧ | ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୦ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୬୫ | ୩୩ | ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୬୨ | ୩୩ | ଶ୍ରୀମାନ୍ ଗୋଲାପ ଚନ୍ଦ୍ର ପଟେଲ | ସୁନ୍ଦରଗଡ଼ | ୧୪ | ୦୦ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୩୯ | ୨୫ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୩ | ୧୯ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୩୮ | ୨୪ | ଶ୍ରୀମତୀ ସୁରଭୀ ସାହୁ | ସମ୍ବଲପୁର | ୧୩ | ୦୯ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୩୬ | ୭୧ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୩ | ୦୫ |
| ଶ୍ରୀମାନ୍ ଶ୍ରୀବତ୍ସ ପାଣିଗ୍ରାହୀ | କଟକ | ୩୬ | ୭୦ | ସରସ୍ୱତୀ ବିଦ୍ୟାମନ୍ଦିର, ନୀଳକଣ୍ଠନଗର | | ୧୩ | ୦୦ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୫ | ୦୬ | ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | କନ୍ଧମାଳ | ୧୨ | ୩୬ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୩୩ | ୯୯ | ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୧୨ | ୨୦ |
| ଶ୍ରୀମତୀ ରାସେଶ୍ୱରୀ ଦେଈ | ସୁନ୍ଦରଗଡ଼ | ୩୧ | ୦୩ | ଇଂ. ଅଭିମନ୍ୟୁ ମହାରଣା | କୋରାପୁଟ | ୧୨ | ୦୭ |
| ଶ୍ରୀମତୀ ପ୍ରଣତି ରାୟ | କଟକ | ୩୦ | ୦୦ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୦୪ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୯ | ୦୯ | ବେଦ ପ୍ରଚାର ସମିତି, କଟକ | | ୧୨ | ୦୧ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | ସୁବର୍ଣ୍ଣପୁର | ୨୯ | ୦୬ | ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୧୨ | ୦୧ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୫ | ୦୦ | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୧୨ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୩ | ୦୦ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୨୩ | ୬୭ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୨୧ | ୩୮ | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | କନ୍ଧମାଳ | ୧୧ | ୫୫ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୭ | ଶ୍ରୀମାନ୍ ସରୋଜ କୁମାର ମିଶ୍ର | ସୁବର୍ଣ୍ଣପୁର | ୧୧ | ୩୮ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୨୦ | ୦୧ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୧୧ | ୧୦ |
| ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୯ | ୧୫ | ଶ୍ରୀମାନ୍ ଲେନିନ୍ ପଟ୍ଟନାୟକ | କଟକ | ୧୧ | ୦୩ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୯ | ୦୮ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୯ | ୦୧ | ଶ୍ରୀମତୀ ମମତା ମଞ୍ଜରୀ ମହାରଣା | କୋରାପୁଟ | ୧୧ | ୦୧ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୦୦ | ଶ୍ରୀମାନ୍ ମହେଶ ପ୍ରସାଦ ମହାପାତ୍ର | କଟକ | ୧୧ | ୦୦ |
| ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୧୭ | ୦୪ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, | ଛତ୍ରପୁର | ୧୧ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୦୨ | ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୬ | ୦୧ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୧ | ୦୦ |
| ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୫ | ୦୯ | ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୧୦ | ୨୭ |
| ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୫ | ୦୮ | ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୧୦ | ୦୪ |
| ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୫ | ୦୨ | ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର | ସୁବର୍ଣ୍ଣପୁର | ୧୦ | ୦୧ |
| ଶ୍ରୀମାନ୍ ଦିବାକର ବାରିକ | ସୁନ୍ଦରଗଡ଼ | ୧୪ | ୧୯ | ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୦୦ |

| | | | |
|---|---|---|---|
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୦ |
| ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଆର୍ଯ୍ୟସମାଜ, ସିମିଲିଗୁଡ଼ା | | ୧୦ | ୦୦ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୯ | ୧୪ |
| ଶ୍ରୀମାନ୍ କୁଞ୍ଜବିହାରୀ ମହାନ୍ତ | ମୟୂରଭଞ୍ଜ | ୦୯ | ୧୦ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୯ | ୦୮ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୯ | ୦୫ |
| ଶ୍ରୀମତୀ ସୁକାନ୍ତି ସ୍ୱାଇଁ | କଟକ | ୦୯ | ୦୦ |
| ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୯ | ୦୦ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୮ | ୨୫ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୮ | ୧୯ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୮ | ୦୬ |
| ବେଦ ପ୍ରଚାର ସମିତି, ଜୟପୁର | | ୦୮ | ୦୩ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୮ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୮ | ୦୦ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୦୧ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୮ | ୦୦ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ଲକ୍ଷ୍ମୀପ୍ରିୟା ସାମନ୍ତରାୟ | ପୁରୀ | ୦୮ | ୦୦ |
| ଡକ୍ଟର ପ୍ରମୋଦ କୁମାର ମହାନ୍ତ | ମୟୂରଭଞ୍ଜ | ୦୮ | ୦୦ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୮ | ୦୦ |
| ଶ୍ରୀମତୀ ସାୟନ୍ତନୀ ତ୍ରିପାଠୀ | ବଲାଙ୍ଗୀର | ୦୮ | ୦୦ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୭ | ୨୧ |
| ଶ୍ରୀମାନ୍ ବିରଞ୍ଚି କୁମାର ମେହେର | ବଲାଙ୍ଗିର | ୦୭ | ୧୫ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୨ |
| ଇଂ. ଶଶିଭୂଷଣ ନନ୍ଦ | କଟକ | ୦୭ | ୦୬ |
| ଶ୍ରୀମତୀ ସୁଜାତା ମହାପାତ୍ର | ବରଗଡ଼ | ୦୭ | ୦୧ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୦ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୦ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୭ | ୦୦ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୬ | ୪୧ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୭ |
| ଶ୍ରୀମାନ୍ ଏ. ସୀମାଞ୍ଚଳ ପାତ୍ର | ଗଞ୍ଜାମ | ୦୬ | ୧୫ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୬ | ୧୪ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୬ | ୧୨ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୬ | ୧୦ |
| ଶ୍ରୀମାନ୍ କ୍ଷୀରୋଦ କୁମାର ନାଥ | ବରଗଡ଼ | ୦୬ | ୦୬ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୬ | ୦୬ |
| ଶ୍ରୀମାନ୍ ଶିବପ୍ରସାଦ ଭୋଇ | ବରଗଡ଼ | ୦୬ | ୦୫ |
| ପ୍ରଫେସର ଶରତ ଚନ୍ଦ୍ର ସେନାପତି | କଟକ | ୦୬ | ୦୩ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୬ | ୦୦ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| କୁମାରୀ ସଂଗୀତା ପ୍ରଧାନ | ସମ୍ବଲପୁର | ୦୬ | ୦୦ |
| ଶ୍ରୀମାନ୍ ମହେନ୍ଦ୍ର ଦାସ | ଅହମ୍ମଦାବାଦ୍ | ୦୬ | ୦୦ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୫ | ୧୦ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୧୦ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୬ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | ଗଞ୍ଜାମ | ୦୫ | ୦୩ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୦୨ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୧ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମତୀ ବବିତା ବାରିକ | ସୁନ୍ଦରଗଡ଼ | ୦୫ | ୦୦ |
| ଶ୍ରୀମତୀ ସୁବାସିନୀ ଦେବୀ | ଖୋର୍ଦ୍ଧା | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ରବୀନ୍ଦ୍ର ମୋହନ ମିଶ୍ର | କଟକ | ୦୫ | ୦୦ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୫ | ୦୦ |

(କ୍ରମଶଃ...)







ଟିଟିଲାଗଡ଼ ବେଦ ପ୍ରଚାର ସମିତି ପକ୍ଷରୁ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରଚାର



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତୃବୃନ୍ଦ



ଶ୍ରଦ୍ଧାଳୁଙ୍କ ଦ୍ୱାରା ଯଜ୍ଞ ଅନୁଷ୍ଠାନ





ଶ୍ରାବଣୀ ଅବସରରେ ବେଦ ପ୍ରଚାର ସମିତି ପକ୍ଷରୁ ବଲାଙ୍ଗିରରେ ବେଦ ପ୍ରଚାର





ବଡ଼ମାଲ ବେଦ ପ୍ରଚାର ସମିତି ପକ୍ଷରୁ ଶ୍ରାବଣୀ ଉପଲକ୍ଷେ ବେଦ ପ୍ରଚାର





ରାୟଗଡ଼ା ଆର୍ଯ୍ୟସମାଜ ପକ୍ଷରୁ ଶ୍ରାବଣୀ ଅବସରରେ ବେଦ ପ୍ରଚାର

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 3 Issue 5 July-August 2018




କଟକରେ ପ୍ରଜ୍ଞାନ ମିଶନ୍‌ର ରଜତ ଜୟନ୍ତୀ



ଚିନ୍ମୟ ମିଶନ୍ ପକ୍ଷରୁ ଓଡିଏମ୍ ପବ୍ଲିକ୍ ସ୍କୁଲରେ ସାଧନା ସପ୍ତାହ





ସ୍ୱାମୀ ଚିନ୍ମୟାନନ୍ଦଙ୍କ ୨୫ତମ ମହାପ୍ରୟାଣ ଦିବସ ଅବସରରେ ଚିନ୍ମୟ ମିଶନ୍ ପକ୍ଷରୁ ସାଧନା ସପ୍ତାହ





ଚିନ୍ମୟ ମିଶନ୍‌ର ସାଧନା ସପ୍ତାହ ଅବସରରେ ଭୁବନେଶ୍ୱରର ଭଞ୍ଜ କଳା ମଣ୍ଡପରେ ସ୍ୱାମୀ ସୁଧାନନ୍ଦଙ୍କ ମାର୍ଗଦର୍ଶନ

**Shruti Sourabha**

**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**